# ପୁଲିସର ମିଥ୍ୟା ପରିଚୟରେ ଘଟୁଛି ଅପରାଧ !

ବ୍ରହ୍ମପୁର,୨୩।୧(ସମିସ): ପୁଲିସ ଉପରେ ଜନସାଧାରଣଙ୍କ ଯଥେଷ୍ଟ ଭରସା ରହିଛି। ଯେଉଁଥିପାଇଁ ପୁଲିସ ଯାହାବି କହିଲେ ଲୋକେ ଆଖି ବୁଜି ବିଶ୍ୱାସ କରୁଛନ୍ତି। ହେଲେ ଏବେ ଅପରାଧୀମାନେ ଏହି ପୁଲିସକୁ ଲୁଟ୍‌ପାଇଁ ମୋହରା କରିଛନ୍ତି। ସେମାନେ ଲୋକଙ୍କୁ ପୁଲିସର ପରିଚୟ ଦେଇ ଅର୍ଥ ଲୁଟି ନେଉଛନ୍ତି। କିଏ ନିଜକୁ ହ୍ୟୁମାନ ରାଇଟ୍ସ ଅଧିକାରୀ କହି ଠକିବାକୁ ଉଦ୍ୟମ କରୁଥିବା ବେଳେ ଆଉ କିଏ ପୁଲିସର ଚଢ଼ଉ ଆଳରେ ଦୋକାନୀଙ୍କ ଠାରୁ ବଟି ଆଦାୟ କରି ନେଉଛି । ବିଗତ ଦିନରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଏଭଳି ଅନେକ ଘଟଣା ସାମ୍ନାକୁ ଆସିବା ପରେ ସଜାଗ ହୋଇଛି ପୁଲିସ।

**ହ୍ୟୁମାନ୍ ରାଇଟସ୍ କାଉନ୍‌ସିଲ ବୋର୍ଡ ମାରି ସହରରେ ଚଢ଼ଉ**

ଗତ ୧୦ତାରିଖରେ ବୋଲେରୋ କାର ସମ୍ମୁଖରେ ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟସ୍ ଆଣ୍ଡ କ୍ରାଇମ କଣ୍ଟ୍ରୋଲ କାଉନସିଲ ବୋର୍ଡ ମାରି ଜଣେ ବ୍ୟକ୍ତି ବଡ଼ବଜାର ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲେ। କୌଣସି ସୂତ୍ରରୁ ଖବରପାଇଁ ବଡ଼ବଜାର ଥାନା ପୁଲିସ ଘଟଣାସ୍ଥଳକୁ ଯିବା ପୂର୍ବରୁ ରାସ୍ତାରେ ଉକ୍ତ ଗାଡିକୁ କାବୁ କରିନେଇଥିଲେ । ପରେ ପୁଲିସ ଉକ୍ତ ଗାଡିରେ ବସିଥିବା ଦୁଇ ବ୍ୟକ୍ତିଙ୍କୁ ଗାଡ଼ିର କାଗଜପତ୍ର ଓ ନିଜର ପ୍ରମାଣପତ୍ର ଦେବାକୁ କହିଥିଲା । ଜଣେ ଡ୍ରାଇଭର କହିବା ବେଳେ ଅନ୍ୟ ଜଣେ ନିଜକୁ ଡାଇରେକ୍ଟର ବୋଲି ପୁଲିସକୁ ପରିଚୟ ଦେଇଥିଲେ । ହେଲେ ସଠିକ କାଗଜପତ୍ର ଓ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ । ଶେଷରେ ପୁଲିସ ଉକ୍ତ ଗାଡିକୁ ଜବତ କରି ଥାନାକୁ ଆଣି ଉଭୟଙ୍କୁ ଜେରା କରିଥିଲା । ଜେରାବେଳେ ନିଜକୁ ହ୍ୟୁମାନ ରାଇଟସ କାଉନସିଲର ନିର୍ଦ୍ଦେଶ କହୁଥିବା ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ରୋୟାଲ ଲାଗୋନର ରଘୁନାଥ ସାହୁ(୨୮) ଓ ଡ୍ରାଇଭର ତଥା କଟକ ନରସିଂହପୁରର ଶ୍ରୀକାନ୍ତ ଗଡନାୟକ ବୋଲି ଜଣାପଡ଼ିଥିଲା।

## ସତର୍କ ଓ ସଚେତନ ରହିବାକୁ ଏସ୍‌ପି ଙ୍କ ପରାମର୍ଶ

**ଯୁବକ ବୁଲେଟ୍ ଗାଡ଼ିରେ ଓଡିଶା ପୁଲିସ ଷ୍ଟିକର ଲଗାଇ ସହରରେ ବୁଲୁଥିଲା**

୨୦୨୨ ମସିହା ଅଗଷ୍ଟ ମାସରେ ବଡ଼ବଜାର ଥାନା ପୁଲିସ ପକ୍ଷରୁ ରାସ୍ତାରେ ଯାଉଥିବା ଗାଡିକୁ ଅଟକାଇ ଯାଞ୍ଚ କରିବା ସହ ହେଲମେଟ୍ ,ଗାଡିର ଆରସି ଏବଂ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରୁଥିବା ସମୟରେ ଜଣେ ଯୁବକ ରୟାଲ ଇନଫିଲଡ ବୁଲେଟ (ଓଡ଼ି-୦୭ୟୁ-୭୬୬୬ )ନମ୍ବର ବିଶିଷ୍ଟ ଗାଡିର ପଛପଟ ନମ୍ବର ପ୍ଲେଟରେ ଓଡିଶା ପୁଲିସ ଲେଖା ହେଇଥିବା ଦେଖି ସନ୍ଦେହରେ ପୁଲିସ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଯୁବକ ବଡବଜାର ଥାନା ଅନ୍ତର୍ଗତ କୋଠରୀ ମନ୍ଦିର ସାହିର ସୂର୍ଯ୍ୟ ନାରାୟଣ ସାହୁ (୩୨) ବୋଲି ଜଣାପଡିଥିଲା । ସୂର୍ଯ୍ୟ କାଗଜପତ୍ର ଦେଖାଇବା ବଦଳରେ ମୁଁ ପୁଲିସ ବିଭାଗରେ ଚାକିରି କରୁଛି ବୋଲି ପୁଲିସକୁ କହିଥିଲା । ବଡ଼ବଜାର ପୁଲିସ ଏହାର ତଦନ୍ତ କରିଥିଲେ । ତଦନ୍ତ ବେଳେ ଜାଣିବାକୁ ପାଇଥିଲେ କି ଉକ୍ତ ଯୁବକ ଜଣକ ଏକ ବ୍ୟବସାୟ ଅଟନ୍ତି। ପରେ ପୁଲିସ ସୂର୍ଯ୍ୟକୁ ଗିରଫ କରିଥିଲା।

**ପୁଲିସ ଡ୍ରେସ୍ ପିନ୍ଧି ଯୁବକ କରୁଥିଲେ ବଟି ଆଦାୟ**

ବିଗତ ଦିନରେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୁମାରୀ ଗାଁର ଅରୁଣ ନାୟକ ନାମକ ଜଣେ ଯୁବକ ନକଲି ପୁଲିସ କନେଷ୍ଟବଳ ଡ୍ରେସ୍ ସହ ନେମ୍ ପ୍ଲେଟ୍ ଲଗାଇ ବ୍ରହ୍ମପୁର ଷ୍ଟେଟ ବ୍ୟାଙ୍କ୍ ଛକ ଠାରେ କିଛି ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିଲା । ଠିକ୍ ସେତିକି ବେଳେ କିଛି ଦୋକାନୀଙ୍କର ଯୁବକଙ୍କ ହାବଭାଓ ଦେଖି ସନ୍ଦେହ ଜାତ ହୋଇଥିଲା। ପରେ ଦୋକାନୀମାନେ ବୈଦ୍ୟନାଥପୁର ଥାନା ପୁଲିସକୁ ଖବର ଦେଇଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନକଲି ପୁଲିସ ସାଜିଥିବା ଅରୁଣ ନାୟକଙ୍କୁ ଗିରଫ କରିଥିଲା । ଏଭଳି ଘଟଣା ବାରମ୍ବାର ଘଟୁଛି ତଥାପି ଲୋକେ ସଚେତନ ହେଉନାହାନ୍ତି । ତେଣୁ ଲୋକେ ଏଥିପ୍ରତି ସଜାଗ ରହିବାକୁ ଏସପି ପରାମର୍ଶ ଦେଇଛନ୍ତି । ଏଭଳି ଘଟଣା ଘଟିଲେ ନିକଟସ୍ଥ ଥାନା କିମ୍ବା ୧୧୨ନଂ କୁ ଫୋନ କରି ଜଣାଇବାକୁ ପରାମର୍ଶ ଦେଇଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ।

# ଦୁଇ ଦୋକାନରୁ ୬୦ ହଜାର ଟଙ୍କା ସହ ସାମଗ୍ରୀ ଚୋରି

**ବ୍ରହ୍ମପୁର,୨୩।୧(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗର ୮ମ ଲାଇନରେ ଥିବା ୨ଟି ଦୋକାନରୁ ନଗଦ ଟଙ୍କା ଓ ଦୋକାନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଗଜପତିନଗର ୨ୟ ଲାଇନ ନିବାସୀ ହରିକୃଷ୍ଣ ପଣ୍ଡା ଗଜପତିନଗର ୮ମ ଲାଇନରେ ଏକ ଘର ଭଡା ନେଇ ବ୍ୟବସାୟ କରୁଛନ୍ତି। ୨୧ ତାରିଖ ରାତିରେ ହରିକୃଷ୍ଣ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତା' ପର ଦିନ ସକାଳୁ ଆସି ଦେଖିବା ବେଳକୁ ଦୋକାନର ସମ୍ମୁଖ ଗେଟ ତାଲା ଭଙ୍ଗା ଯାଇଥିଲା। ଭିତରକୁ ଯାଇ ଯାଞ୍ଚ ବେଳେ ଭିତରେ ଥିବା ଟଙ୍କା ପେଡି ମଧ୍ୟ ଭଙ୍ଗା ହୋଇଥିଲା। ଦୁର୍ବୃତ୍ତମାନେ ନଗଦ ପ୍ରାୟ ୫୦ହଜାର ଟଙ୍କା ସାମଗ୍ରୀ ଚୋରି କରିନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ହରିକୃଷ୍ଣଙ୍କ ପଡ଼ିଶାରେ ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ଦୋକନ ରହିଛି। ଦିଲ୍ଲୀପଙ୍କ ଦୋକାନର ମଧ୍ୟ ତାଲା ଭଙ୍ଗା ଦୋକାନ ଭିତରେ ପଶି ଟଙ୍କା ପେଡି ଭାଙ୍ଗିଥିଲେ। ସେଥିରୁ ୧୦ହଜାର ଟଙ୍କା ଓ ଦୋକନ ଭିତରେ ଥିବା କିଛି ତମ୍ବା ତା'ର ଚୋରି ନେଇଯାଇଛନ୍ତି ବୋଲି ହରିକୃଷ୍ଣ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

# ଚାକିରି କରାଇ ଦେବାକୁ କହି ୧ ଲକ୍ଷ ୨୫ହଜାର ଟଙ୍କା ଠକେଇ

ବ୍ରହ୍ମପୁର,୨୩।୧(ସମିସ): ଗୋଳାବନ୍ଧ ସ୍ଥିତ ଆର୍ମି ଏଡି କଲେଜରେ କ୍ଲର୍କ ଚାକିରି କରାଇ ଦେବାକୁ କହି ଜଣେ ଯୁବତୀଙ୍କଠାରୁ ୧ଲକ୍ଷ ୨୫ହଜାର ଟଙ୍କା ଠକେଇ ହୋଇଛି। ଏନେଇ ଯୁବତୀ ଜଣଙ୍କ ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାପ୍ରକାରେ, ଛତ୍ରପୁର ଅଞ୍ଚଳର ଜଣେ ଯୁବତୀ ଚାକିରି ଖୋଜୁଥିବା ବେଳେ ସନ୍ତୋଷ କୁମାର ସେଠୀଙ୍କ ସହ ପରିଚୟ ହୋଇଥିଲା। ସନ୍ତୋଷ ଆର୍ମିରେ ଚାକିରି କରୁଛନ୍ତି ବୋଲି ଯୁବତୀଙ୍କୁ କହିଥିଲେ। ଆଉ ଗୋଳବନ୍ଧ ସ୍ଥିତ ଆର୍ମି କାର୍ଯ୍ୟାଳୟରେ ତାଙ୍କର ପରିଚୟ ରହିଛି ଏବଂ ସେଠାରେ କ୍ଲର୍କ ଚାକିରି କରାଇଦେବେ ବୋଲି ସନ୍ତୋଷ ସଂପୃକ୍ତ ଯୁବତୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ୧ଲକ୍ଷ ୨୫ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ସେହିକ୍ରମରେ ଯୁବତୀ ଜଣଙ୍କ ସନ୍ତୋଷଙ୍କ ବ୍ୟାଙ୍କ ଆକାଉଣ୍ଟ ସମେତ ତାଙ୍କ କହିବା ପ୍ରକାରେ ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କ ନିକଟକୁ ମୋଟ ୧ଲକ୍ଷ ୨୫ହଜାର ଟଙ୍କା ପଠାଇଥିଲେ। ହେଲେ ଅନେକ ଦିନ ଯାଏଁ ଯୁବତୀଙ୍କୁ ଚାକିରି ମିଳିନଥିଲା। ଫଳରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବାର୍ଷିକ ଉତ୍ସବ ପାଳନ ନେଇ ଫଲଗୁ ସାହିତ୍ୟ ସଂସଦର ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର,୨୩।୧(ସମିସ):** ଫଲଗୁ ସାହିତ୍ୟ ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂସଦର ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ରେ ସଂସଦର ବାର୍ଷିକ ଉତ୍ସବ ପାଳନ ନେଇ ଏଠାରେ ବିଶେଷ ଆଲୋଚନା କରାଯାଇଛି। ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ହେବେ ବିଶିଷ୍ଟ ଭଞ୍ଜ ସାହିତ୍ୟିକ ବାଗ୍ମୀ ପ୍ରଫେସର ବାଉରିବନ୍ଧୁ ସାହୁ, ସାହିତ୍ୟିକ ଡ ବ୍ରଜମୋହନ ଶାସମଲ, ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଡ ଦାଶରଥି ଭୁୟାଁ, ବରିଷ୍ଠ କବି ଭିକାରି ଚରଣ ମହାପାତ୍ର। ଏହାସହ ଏହି ଦିନ ଫଲଗୁ ସାହିତ୍ୟ ସଂସଦ ମୁଖପତ୍ର ଲୋକାର୍ପଣ କରାଯିବ ବୋଲି ବୈଠକରେ କୁହାଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ପୂର୍ବତନ ସାଂସଦ ଅନାଦି ସାହୁଙ୍କ ସ୍ମୃତି ଚାରଣ କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅଧିବେଶନରେ କାର୍ଯ୍ୟକାରୀ ସଭାପତି ମେଜର ରମା ରମଣ ପାଢ଼ୀ, କୋଷାଧ୍ୟକ୍ଷ ଡ ସନ୍ତୋଷ କୁମାର ଦାଶ, ଉପଦେଷ୍ଟା ପ୍ରଫେସର ବ୍ରଜ ମୋହନ ସାସମଲଙ୍କ ସମେତ ଭିକାରୀ ଚରଣ ମହାପାତ୍ର , ଅମିତା ମିଶ୍ର, ଡ ସୂଚନା ପାଢ଼ୀ, ବିରୁପକ୍ଷା ଦାଶ, ବଂଶୀଧର ସେଠୀ, ହୃଷୀକେଶ ଦାସ, ଇଂ ଆଶୁତୋଷ ପାତ୍ରଙ୍କ ସମେତ ଅନେକ ସାହିତ୍ୟିକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ ମଧ୍ୟ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, ପ୍ରଫେସର ହରିହର ଦାସ ଏବଂ ପ୍ରଫେସର ପ୍ରହଲ୍ଲାଦ ପଣ୍ଡାଙ୍କ ନାମରେ ତିନିଟି ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ଫଲଗୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ ବୋଲି ସମ୍ପାଦକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ସୁଚନା ଦେଇଛନ୍ତି।

# ୩ୟ ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚ, କେସି ଇଲେଭେନ୍ କ୍ଲବ୍ ବିଜୟୀ



**ବ୍ରହ୍ମପୁର,୨୩।୧(ସମିସ):** ସ୍ଥାନୀୟ ଗୋଷାଣୀନୂଆଗାଁ କେସି ହାଇସ୍କୁଲ ଖେଳ ପଡିଆରେ କେସି ଇଲେଭେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩ୟ ଅନ୍ତଃ ରାଜ୍ୟସ୍ତରୀୟ ଟେନିସ ବଲ କ୍ରିକେଟ ମ୍ୟାଚ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ମ୍ୟାଚଟି କେସି ଇଲେଭେନ ଓ ମା' ଦକ୍ଷିଣ କାଳି କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣ କାଳି ଦଳ ଟସ ଜିତି ପ୍ରଥମେ ବୋଲିଂର ନିଷ୍ପତ୍ତି ନେଇଥିଲା।କେସି ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭର ୫ବଲ ଖେଳି ସମସ୍ତ ୱିକେଟ ବିନିମୟରେ ୧୫୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଦର୍ଶନ ରେଡ୍ଡୀ ୧୬ବଲ ଖେଳି ୫୧ରନ ଓ ଅଭିଷେକ ପଟ୍ଟନାୟକ ୧୮ବଲ ଖେଳି ୩୯ରନ କରିଥିଲେ। ସେହିପରି ଦକ୍ଷିଣ କାଳି ଦଳ ପକ୍ଷରୁ ବୋଲିଂରେ ରାମଚନ୍ଦ୍ର ମାହାଙ୍କୁଡ ୩ଓଭରରେ ୨୬ରନ ଦେଇ ୩ଟି ୱିକେଟ ଅକ୍ତିହାର କରିଥିଲେ। ଜବାବରେ ଦକ୍ଷିଣ କାଳି ଦଳମାତ୍ର ୧୨ଓଭର ଖେଳି ସମସ୍ତ ୱିକେଟ ପତନ ଘଟାଇ ମୋଟ ୯୦ରନ କରିଥିଲେ। ଦଳ ପକ୍ଷରୁ ସୁଦର୍ଶନ ବେହେରା ୧୯ବଲ ଖେଳି ୪୬ରନ କରିଥିଲେ। ସେହିପରି କେସି ଇଲେଭେନ କ୍ଲବ ପକ୍ଷରୁ ବୋଲିଂରେ ଆବିଷ୍କାର ପଟ୍ଟନାୟକ ୩ଓଭରରେ ୧୨ରନ ଦେଇ ୩ଟି ୱିକେଟ ଅକ୍ତିହାର କରିଥିଲେ। ମ୍ୟାଚକୁ କେସି ଇଲେଭେନ ଦଳ ୬୩ରନରେ ବିଜୟ ଲାଭ କରିଥିଲା। ସେହିପରି କେସି ଇଲେଭେନ ଦଳର ଆବିଷ୍କାର ପଟ୍ଟନାୟକଙ୍କୁ ମେନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏମ୍ପାୟାର ଭାବେ ସୁବ୍ରତ ବକ୍ସି ପଟ୍ଟନାୟକ ଓ ସଚିତ କୁମାର ଚୌଧୁରୀ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଜଗନ୍ନାଥ ଚୌଧୁରୀ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ୨୬ନମ୍ବର ୱାର୍ଡ କର୍ପୋରେଟର ଧିରେଶ କୁମାର ସାବତ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସି ଇଲେଭେନ କ୍ରିକେଟ କ୍ଲବର ସଭାପତି ବରେଣ ମହାପାତ୍ର, ବିଜୟ ପଟ୍ଟନାୟକ, ଲିପନ ପାଣିଗ୍ରାହୀ, ହରିହର ପାଢ଼ୀ, ସହ ସମ୍ପାଦକ ବଳରାମ ପଣ୍ଡା ଉପସ୍ଥିତ ଥିଲେ। ବୁଧବାର ମିଡ଼ିଆ ଇଲେଭେନ ଓ କେସି ଇଲେଭେନ ଭେଟରେନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ।

# ୫ମ ଲିଡ୍ସ ସ୍ପୋର୍ଟିଂ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ଦିନରେ ୨ଟି ମ୍ୟାଚ, ଲିଡ୍ସ କ୍ରିକେଟ ଏକାଡ଼େମି ଓ ରମ୍ଭା କ୍ରିକେଟ କ୍ଲବ ବିଜୟୀ

ବ୍ରହ୍ମପୁର,୨୩।୧(ସମିସ): ସ୍ଥାନୀୟ ଏମକେସିଜି ମେଡ଼ିକାଲ କଲେଜ ଖେଳ ପଡିଆରେ ୫ମ ଲିଡ୍ସ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଅକ୍ସଫୋଡର୍ କ୍ରିକେଟ କ୍ଲବ ଓ ଲିଡ୍ସ କ୍ରିକେଟ ଏକାଡ଼େମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅକ୍ସଫୋଡର୍ କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ଓଭର ଖେଳି ୭ୱିକେଟ ବିନିମୟରେ ୧୨୮ରନ କରିଥିଲେ। ଦଳ ପକ୍ଷରୁ ସତ୍ୟଜିତ ବେହେରା ୩୫ବଲରୁ ବ୍ୟକ୍ତିଗତ ସର୍ବାଧିକ ୪୧ରନ ଓ ସେହୱାଗ ନାୟକ ୨୪ବଲରୁ ୧୬ରନ ସଂଗ୍ରହ କରିଥିଲେ। ଲିଡ୍ସ କ୍ରିକେଟ ଏକାଡ଼େମି ପକ୍ଷରୁ ବି.କେ ମାରାଣ୍ଡି ୪ଓଭର ବୋଲିଂ କରି ୪୭ରନ ବିନିମୟରେ ୪ଟି ୱିକେଟ ଅକ୍ତିଆର ଓ ସୁରଜ କୁମାର ପାହନ ୩ଓଭର ବୋଲିଂ କରି ୨୩ରନ ବିନିମୟରେ ୧ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଲିଡ୍ସ କ୍ରିକେଟ ଏକାଡ଼େମି ୨୦ଓଭର ଖେଳି ୩ଟି ୱିକେଟ ବିନିମୟରେ ୧୨୯ରନ କରିଥିଲେ। ଦଳ ପକ୍ଷରୁ ସୁନିଲ ପାଣିଗ୍ରାହୀ ୩୮ବଲରୁ ୬୦ରନ ସଂଗ୍ରହ କରିଥିଲେ। ଅକ୍ସଫୋଡର୍ କ୍ରିକେଟ କ୍ଲବ ପକ୍ଷରୁ ବୋଲିଂରେ ସତ୍ୟଜିତ ବେହେରା ୪ଓଭର ବୋଲିଂ କରିଥିଲେ। ୩୬ରନ ଦେଇ ବ୍ୟକ୍ତିଗତ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚକୁ



ଲିଡ୍ସ କ୍ରିକେଟ ଏକାଡ଼େମି ବିଜୟଲାଭ କରିଥିଲେ। ମ୍ୟାଚରେ ଲିଡ୍ସ କ୍ରିକେଟ ଏକାଡ଼େମିର ବି.କେ ମାରାଣ୍ଡି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ଆମ୍ପାୟର ଭାବେ ଧୀରେନ ମିଶ୍ର ଓ ସୁଲଭ ପଣ୍ଡା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଅଶ୍ୱିନୀ ମିଶ୍ର ସହଯୋଗ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ରମ୍ଭା କ୍ରିକେଟ କ୍ଲବ ଓ ଲିଡ଼ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରମ୍ଭା କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ଓଭର ଖେଳି ୬ୱିକେଟ ବିନିମୟରେ ୧୬୦ରନ କରିଥିଲେ। ଦଳ ପକ୍ଷରୁ ହାପି ୩୦ବଲରୁ ବ୍ୟକ୍ତିଗତ ସର୍ବାଧିକ ୩୭ରନ ଓ ଗୋପାଳକୃଷ୍ଣ ରେଡ୍ଡୀ ୨୭ବଲରୁ ୩୩ରନ ସଂଗ୍ରହ କରିଥିଲେ। ଲିଡ଼ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜାରାମ ୪ଓଭର ବୋଲିଂ କରି ୩୪ରନ ବିନିମୟରେ ୨ଟି ୱିକେଟ ଅକ୍ତିଆର କରିଥିବା ବେଳେ ପ୍ରତାପ ପଣ୍ଡା ୪ଓଭର ବୋଲିଂ କରି ୧୮ରନ ବିନିମୟରେ ୧ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଲିଡ଼ ସ୍ପୋର୍ଟିଂ କ୍ଲବ ୨୦ଓଭର ଖେଳି ୯ଟି ୱିକେଟ ବିନିମୟରେ ୧୪୮ରନ କରିଥିଲେ। ଦଳ ପକ୍ଷରୁ ସୂର୍ଯ୍ୟନାରାୟଣ ଗୌଡ଼ ୩୦ବଲରୁ ୪୩ରନ ସଂଗ୍ରହ କରିଥିଲେ। ରମ୍ଭା କ୍ରିକେଟ କ୍ଲବର ପ୍ରଫୁଲ୍ଲ ଧର ପକ୍ଷରୁ ବୋଲିଂରେ ୪ଓଭର ବୋଲିଂ ୧୬ରନ ବିନିମୟରେ ବ୍ୟକ୍ତିଗତ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଥିବା ବେଳେ ମାକ୍ସୱେଲ ୩ଓଭର ବୋଲିଂ ୨୭ରନ ବିନିମୟରେ ବ୍ୟକ୍ତିଗତ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚକୁ ରମ୍ଭା କ୍ରିକେଟ କ୍ଲବ ୧୨ରନରେ ବିଜୟଲାଭ କରିଥିଲା। ମ୍ୟାଚରେ ରମ୍ଭା କ୍ରିକେଟ କ୍ଲବ ମାକ୍ସୱେଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଅମ୍ପାୟର ଭାବେ ଧୀରେନ ମିଶ୍ର ଓ ସୁଭରାଜ ଗୁଜୁର ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଅଶ୍ୱିନୀ ମିଶ୍ର ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଡ୍ସ ସ୍ପୋର୍ଟିଂ କ୍ଲବ ସଭାପତି ମୁରଲି ମୋହନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୁଧବାର ଖଲ୍ଲିକୋଟ କ୍ରିକେଟ କ୍ଲବ ଓ ପାନସୋନିକ୍ କ୍ରିକେଟ କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଲିଡ୍ସ ୱାରିୟରଙ୍କୁ ମୁକାବିଲା କରିବ ଜେସିସି।

# ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର




ବ୍ରହ୍ମପୁର,୨୩।୧(ସମିସ): ଗୋପାଳପୁର କଲେଜରେ ଓଡିଶା ସରକାରଙ୍କର ଉଚ୍ଚମାଧ୍ୟମିକ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଆୟୋଜିତ ହୋଇଛି। ସଭାରେ କଲେଜ ଅଧ୍ୟକ୍ଷ ଡ଼ ରାମ ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ଼କ୍ଟର ପୁରୁଷୋତ୍ତମ ସାହୁ, ଡ଼. ମନୋଜ ପଟ୍ଟନାୟକ, ଡ଼. ରାମଚନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କଳା କୌଶଳ ବିଷୟରେ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଏସ. ରୂପଲକ୍ଷ୍ମୀ ୮ଦିନିଆ ତାଲିମ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ କହିଥିଲେ। ଦୁଇଜଣ ତାଲିମ ଦାତା ରୋହିଣୀ ଖଣ୍ଡୱାଲ ଓ ସନ୍ଧ୍ୟାରାଣୀ ଦାଶ ବିଭିନ୍ନ କୌଶଳ ମାଧ୍ୟମରେ ତାଲିମ ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସହ ସଂଯୋଜିକା ଡ଼. ଚଞ୍ଚଳା ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ନରେନ୍ଦ୍ରପୁର ମହାବିଦ୍ୟାଳୟରେ ସ୍ମୃତିସଭା

**ବ୍ରହ୍ମପୁର,୨୩।୧(ସମିସ):** ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟରେ ସ୍ୱର୍ଗତ ଅନ୍ତର୍ଯ୍ୟାମୀ ବେହେରାଙ୍କ ତିରୋଧାନ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବେହେରା ନରେନ୍ଦ୍ରପୁର ଅଞ୍ଚଳରେ ଏକ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। କଲେଜର ପରିଚାଳନା କମିଟିର ମଧ୍ୟ ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ହୃଦଘାତରେ ତାଙ୍କ ପରଲୋକ ହୋଇଥିଲା। ଶୋକସଭାରେ ପରିଚାଳନା କମିଟିର ସଭାପତି ଡ଼ ସୁଶାନ୍ତ କୁମାର ମିଶ୍ର, ଅଧ୍ୟକ୍ଷ ଭୂପତି ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




# ବିଭିନ୍ନ ସଂଗଠନ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ପାଳିତ











ବ୍ରହ୍ମପୁର,୨୩।୧(ସମିସ): ସହରର ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ମଙ୍ଗଳବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ସ୍ଥାନୀୟ ପିଭିଏନ ରାଓ ପେଟ୍ରୋଲ ପମ୍ପ ନିକଟରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତି ସଭା ଆୟୋଜିତ ହୋଇଥିଲା। ବିଜୁ ଜନତା ଦଳ; ବ୍ରହ୍ମପୁର ବିଜୁ ଜନତା ଦଳ ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ରାଜ୍ୟ ଯୋଜନା ବୋଡର୍ ସଦସ୍ୟ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦେଲଇ, କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣାଙ୍କ ସେମତେ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

ମହାନ ସଂଘ: ଆନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ଓ ମହାନ ସଂଘ ପକ୍ଷରୁ ଶୁକ୍ରବାର ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ସଭାପତି ସୁଶାନ୍ତ କୁମାର ସାବତ, ଭୀଷ୍ମଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ, ଇ. ତେଜେଶ୍ୱର ରାଓ, ସଉମିକ ସାହୁ, ଶ୍ୟାମଦତ୍ତ ଦାଶ, ପ୍ରଭାକର ସାହୁ, ପ୍ରମୋଦ ମହାରଣା, ସବିତା ସାହୁକାର, ବାସୁଦେବ ସାହୁକାରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

ବରିଷ୍ଠ ନାଗରିକମାନ ମଞ୍ଚ: ବରିଷ୍ଠ ନାଗରିକମାନ ମଞ୍ଚ ପକ୍ଷରୁ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ରଥ ଯୋଗ ନେତାଜୀ ସାଲିସ ବିହୀନ ନେତୃତ୍ୱ ଥିଲେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସୁଧୀର ରାଉତ, ରାଜେନ୍ଦ୍ର ପଣ୍ଡା, ସମାଜସେବୀ ବଂଶୀଧର ଭୂୟାଁ, ଆଇନଜୀବୀ ଶିବ ପ୍ରସାଦ ମିଶ୍ର, କବିରାଜ ସାହୁ, ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ପୂଜ୍ୟ ପୂଜା ସମିତି: ପୂଜ୍ୟ ପୂଜା ସମିତି ପକ୍ଷରୁ ମଙ୍ଗଳବାର ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ସମିତି ସଭାପତି ବଂଶୀଧର ଭୂୟାଁଙ୍କ ନେତୃତ୍ୱରେ ସୁଭାଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚର ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ସମାଜସେବୀ ସୁଧୀର ରାଉତ, ବିଜୟ ଚନ୍ଦ୍ର ବିଶୋଇ, ଇ.ଟି.ରାଓ, ରବି ରଥ, ସୁଶାନ୍ତ ସାବତ, କବିରାଜ ସାହୁ, ଅଶୋକ କୁମାର ଦଳାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସୁରେନ୍ଦ୍ରନାଥ ପଣ୍ଡା, ହୃଷିକେଶ ପାତ୍ର, ମହେଶ୍ୱର ବାଡ଼ତ୍ୟା, ଲିଙ୍ଗରାଜ ଜେନା, ସୁନୀଲ କୁମାର ଗୌଡ଼, ପ୍ରମୋଦ କୁମାର ମିଶ୍ର, ପି. ଶଙ୍କର ରାଓ ଉପସ୍ଥିତ ଥିଲେ।

ବହୁମୁଖୀ ସମାଜ ମଙ୍ଗଳ : ସ୍ଥାନୀୟ ବହୁମୁଖୀ ସମାଜ ମଙ୍ଗଳ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଭାକର ସାହୁ, ଶୌମୀକ ସାହୁ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ସୁଶାନ୍ତ କୁମାର ସାବତ, ସବିତା ସାହୁକାର, ସିମାଞ୍ଚଳ ପ୍ରସାଦ ବିଷୋୟୀ, ସୂର୍ଯ୍ୟକାନ୍ତ ପାତ୍ର, ପ୍ରସାନ୍ତ ମହାପାତ୍ର, ସୁରେଶ ଚନ୍ଦ୍ର ତ୍ରିପାଠୀ, ମହମ୍ମଦ ଇସଲାମ, ଡଃ ଶଙ୍କର୍ଷଣ ପାତ୍ର, ଦିନବନ୍ଧୁ ପଲ୍ଲଭ, ଡଃ ସମରେନ୍ଦ୍ର ସାହୁ, ସୁର୍ବତ ସାହୁ, ବାସୁଦେବ ସାହୁକାର ଉପସ୍ଥିତ ଥିଲେ।

ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ: ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ସଂଯୋଜକ ଡ ଶିବ ପ୍ରସାଦ ମିଶ୍ର, ଅଶୋକ କୁମାର ଦଳେଇ, ବସନ୍ତ କୁମାର ଦାଶ, ଶିକ୍ଷାବିତ ଶଙ୍କର୍ଷଣ ପାତ୍ର, ବିଶ୍ୱଦେବ ଓ ଲକ୍ଷ୍ମୀ ଚରଣ ପଣ୍ଡା ଉପସ୍ଥିତ ଥିଲେ।

ପ୍ରଗତିଶୀଳ ଉତ୍କଳ ସମାଜ: ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜର ରାଜ୍ୟ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, ସମାଜସେବୀ ରାଜେନ୍ଦ୍ର ପଣ୍ଡା, ଶିବ ପ୍ରସାଦ ମିଶ୍ର, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଜିଲ୍ଲା କାର୍ଯ୍ୟକର୍ତ୍ତା କେଶବ ରାଓ, ଉମା ନାୟକ, ପ୍ରମୋଦ କୁମାର ମିଶ୍ର, ସୂର୍ଯ୍ୟ ନାରାୟଣ ବେହେରା, ମହେଶ୍ୱର ବଡ଼ତ୍ୟା, ଅଶୋକ ଦଳାଇ, ସୁନୀଲ ଗୌଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଏଆଇଡ଼ିଏସଓ: ଏଆଇଡ଼ିଏସଓ ପକ୍ଷରୁ ମଧ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ଏ ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଲେଖିକା ବିଦୁପ୍ରଭା ସାହୁଙ୍କ ସମେତ ଏଆଇଡ଼ିଏସଓର ରାଜ୍ୟ ସଭାପତି ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ପରିବାର ସମ୍ପର୍କ ଅଭିଯାନ

# ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମ ଶୁଭାରମ୍ଭ




**ଜି.ଉଦୟଗିରି, ୨୩।୧(ସମିସ)**

ଶଙ୍ଖ ଏବେ ବିକାଶର ଚିହ୍ନ ଭାବେ ଘରେ ଘରେ ପରିଚିତ ହୋଇଛି। ରାଜ୍ୟ ସରକାରଙ୍କ ବିକାଶ ମୂଳକ ଯୋଜନାରେ ଏବେ ଗାଁ ରୁ ସହର ସବୁଠି ହୋଇଛି ନବକଳେବର। ଏହି ବିକାଶର ବାର୍ତ୍ତା କିଭଳି ସବୁ ପରିବାର ରେ ପହଞ୍ଚିବ ତାହାକୁ ନେଇ ବିଜେଡି ତରଫରୁ ପରିବାର ସମ୍ପର୍କ ଅଭିଯାନ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମ ଜି.ଉଦୟଗିରିରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ନମ୍ବର ୱାର୍ଡ ପଦାସାହି ଠାରୁ ମଙ୍ଗଳବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ ଶୁଭାରମ୍ଭ କରିଥିବା ବେଳେ ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ, ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀ, ଉପାଧକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ପି.ସଞ୍ଜୀବ କୁମାର ପାତ୍ର, ସିଦ୍ଧେଶ୍ୱରୀ ନାୟକ, ମୋନାଲିସା ଦଳବେହେରା, ନନ୍ଦିତା ପ୍ରଧାନ, ଲିପିକା ପ୍ରଧାନ, ଦୀପକ ନାୟକ, ଲକ୍ଷ୍ମୀପ୍ରିୟା ପରିଚ୍ଛା, ଭାରତୀ ବେହେରା, ନଗର ସଭାପତି ଗୋପାଳ କୃଷ୍ଣ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ଅନିଲ କୁମାର ଦଳ ବେହେରା, ଏମ.ଡି ଆଲମସ, ପଞ୍ଚାନନ ପ୍ରଧାନ, ଚିନ୍ମୟ କୁମାର ସେଠୀ, ଶଙ୍କର କୁମାର ବାଘଙ୍କ ସମେତ ପଦାସାହି ବାସିନ୍ଦା ଉପସ୍ଥିତ ରହି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ବର୍ତ୍ତା ପ୍ରଦାନ କରି ଘରେ ଘରେ ଶଙ୍ଖ ଷ୍ଟିକର ଲଗାଇଥିଲେ।

# ବିଜେଡିର ପରିବାର ସମ୍ପର୍କ ଅଭିଯାନ



**ବାଲିଗୁଡା, ୨୩।୧(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଆଠ ନମ୍ବର ୱାର୍ଡରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହିତ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ବାଲିଗୁଡା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ବାଲିଗୁଡା ନଗର ସାଂସଦ ପ୍ରତିନିଧି ଲୋକନାଥ ପାଢ଼ୀ, କାଉନସିଲର ହରପ୍ରିୟା ତ୍ରିପାଠୀ, ରଶ୍ମିତା ପାଢ଼ୀ, ଶଶୀ କୁମାର ଦିଗାଲ ସମେତ ବିଜେଡି କର୍ମୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ବୋଷଙ୍କ ଜନ୍ମଦିନରେ ଆରମ୍ଭ ହୋଇ ଆସନ୍ତା ମାର୍ଚ୍ଚ ବିଜୁ ବାବୁଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ବିଜେଡି ପକ୍ଷରୁ ପରିବାର ସମ୍ପର୍କ ଅଭିଯାନରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର କାର୍ଯ୍ୟ ସମ୍ପର୍କରେ ଘରେ ଘରେ ବିଜେଡି ଦଳ ପକ୍ଷରୁ ଲୋକଙ୍କୁ ଅବଗତ କରାଯିବ।

## ଘନକୁହୁଡ଼ି ଓ କୋହଲା ପାଗ

**ଟିକାବାଲି, ୨୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳରେ ଦୁଇ ଦିନ ହେବ ଘନ କୁହୁଡି ସାଙ୍ଗକୁ କୋହଲା ପାଗ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଦିନ ଏଗାରଟା ପର୍ଯ୍ୟନ୍ତ କୁକୁଡି ଜାରି ରହୁଛି। ଦିନ ସାରା କୋହଲା ପାଗ ଏବଂ ମଝିରେ ମଝିରେ ଝିପି ଝିପି ବର୍ଷା ହେବା ଯୋଗୁଁ ଥଣ୍ଡାରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅଞ୍ଚଳରେ ଦୁଇ ଦିନ ହେଲା ସୂର୍ଯ୍ୟଙ୍କୁ ଦେଖିବାକୁ ମିଳିନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁର ଆଶ୍ରୟ ନେଉଥିବା ଦେଖାଯାଉଛି। କୁହୁଡି କାରଣରୁ ଅଞ୍ଚଳରେ ଛୋଟ ବଡ ଦୁର୍ଘଟଣା ଘଟୁଛି।

## ବାଲିଗୁଡ଼ା ଉତ୍ସବମୁଖର



**ବାଲିଗୁଡା, ୨୩।୧(ସମିସ):** ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସହର ଉତ୍ସବମୁଖର ହୋଇପଡ଼ିଥିଲା। ବାଲିଗୁଡା ର ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବାଲିଗୁଡା ହନୁମାନ ମନ୍ଦିର କମିଟି ପକ୍ଷରୁ ଶ୍ରୀ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ସମାରୋହ ଉତ୍ସବ ପାଳନ କରାଯାଇଥିଲା। ହନୁମାନ ମନ୍ଦିର କମିଟି ପକ୍ଷରୁ ହନୁମାନ ଚାଳିଶା, ନାମଯଜ୍ଞ, ଘୃତ ଯଜ୍ଞ ଆୟୋଜିତ ହୋଇଥିଲା। ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁ ରାମନାମ ଜପ କରିଥିଲେ। ସନ୍ଧ୍ୟାରେ ସହରର ପ୍ରତ୍ୟେକ ଘରେ ଲୋକେ ଦୀପ ଜାଳି ପ୍ରଭୁ ଶ୍ରୀରାମଙ୍କୁ ସ୍ୱାଗତ କରିଥିଲେ। ଶ୍ରଦ୍ଧାଳୁ ଦ୍ୱାରା ସହରରେ ଶ୍ରୀରାମଙ୍କ ଭବ୍ୟ ରଥ ପରିକ୍ରମା କରିଥିଲା।

## ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳିତ




**ବାଲିଗୁଡା, ୨୩।୧(ସମିସ):** ସ୍ଥାନୀୟ ପାଟଖେଣ୍ଡା ପବ୍ଲିକ ସ୍କୁଲରେ ନେତାଜୀ ଜୟନ୍ତୀ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଅତିଥି ଭାବେ ରଶ୍ମି ରଞ୍ଜନ ମହାରଣା ଓ ବରିଷ୍ଠ କଳାକାର ସୋନୁ ମହାରଣା ଯୋଗ ଦେଇଥିଲେ। ଅତିଥି ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ନେତାଜୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ୫୦ ଫଟୋଚିତ୍ରର ଶିଶୁ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିକ୍ଷକ ଦୀପକ କୁମାର ମୁଖୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଅଭିଭାବକ ଯୋଗ ଦେଇଥଲେ।

# ‘ମୋ କଥା ମୋ କାହାଣୀ’ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୩।୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ‘ମୋ କଥା ମୋ କାହାଣୀ’ କାର୍ଯ୍ୟକ୍ରମ ପାଳନ ଅବସରରେ ପୁସ୍ତକ ମେଳା ସହ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଇ ଜୟନ୍ତୀ ଉତ୍ସବ ପାଳନ ହୋଇଛି। ଶିକ୍ଷକ ରାମ ଶଙ୍କର ଗନ୍ତାୟତ, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦାସ ପ୍ରାକ୍ ସୂଚନା ଏବଂ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁସ୍ତକ ମେଳା ଓ ସଭାରେ ମୁଖ୍ୟଅତିଥି ଭାବେ ସାହିତିକ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଦାଶ, ମୋ’ ବିଦ୍ୟାଳୟ ଜିଲ୍ଲା ସଂଯୋଜକ ଅଶୋକ କୁମାର ସିଂ, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ଭାଗବତ ପାଢ଼ୀ, ସୂର୍ଯ୍ୟନାରାୟଣ ରାଜଗୁରୁ, ନିମାଇପାତ୍ର, ବିଜୟଲକ୍ଷ୍ମୀ ଦାଶ ଯୋଗ ଦେଇ ପିଲାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସଭା ପରେ ପିଲାଏ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ଜି. ଶ୍ରୀଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗା ସରକାରୀ ଡିଏଡି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ବନବିହାର




**ଜି.ଉଦୟଗିରି, ୨୩।୧(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିକଟସ୍ଥ କଳିଙ୍ଗା ସରକାରୀ ଡିଏଡି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ବନ ବିହାର କାର୍ଯ୍ୟକ୍ରମ ବଟନିକାଲ ଗାର୍ଡେନ ନିକଟରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ତ୍ରିଲୋଚନ ପଣ୍ଡା ଏବଂ ବିଜ୍ଞାନ ଶିକ୍ଷକ ସୁଧିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହିତ ଅତିଥିମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବନବିହାର କରି ବିଭିନ୍ନ ଔଷଧୀୟ ବୃକ୍ଷ ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ରଶ୍ମୀକାନ୍ତ ସାହୁ, ସ୍ନେହଲତା ସାହୁ ଓ ଅମିତ କୁମାର ମହାପାତ୍ର ସହଯୋଗ କରିଥିଲେ।

# ରାୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ

**ରାୟଗଡ଼, ୨୩।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରାଙ୍କ ସଭାପତିତ୍ୱରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଆଲୁମନି ସଭାପତି ବି. କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିବା ସହ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଏମଡିଏମ ସଭାପତି ରାମ ପ୍ରସାଦ ପାଇକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବକ୍ତୃତା, ଗୀତ, ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଆଚାର୍ଯ୍ୟା ରଜନୀ ପାଇକ ଓ ବନିତା ଗମାଙ୍ଗ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ପାଠୀ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ତ୍ରିନାଥ ମଣ୍ଡପ ଉଦ୍‌ଘାଟିତ

**ବ୍ରାହ୍ମଣୀଗାଁ, ୨୩।୧(ସମିସ):** କନ୍ଧମାଳ ଜିଲ୍ଲା ଶ୍ରୀରାମ ସେବା ସମିତି ଗ୍ରାମ କମିଟି ବ୍ରାହ୍ମଣୀଗାଁ ତରଫରୁ ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା, ସାମୁହିକ ଧ୍ୟାନ ଜପ, ନଗର ସଙ୍କୀର୍ତ୍ତନ, କରସେବକଙ୍କୁ ସମ୍ବର୍ଦ୍ଧନା, ଯଜ୍ଞ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବରେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ପାତ୍ର ଅଂଶ ଗ୍ରହଣ କରିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ରସେନ ପାତ୍ର, ଦୟାନିଧି ବିନ୍ଧାଣି, ଅକ୍ଷୟ ବେହେରା ଦଳେଇ, ପ୍ରଭାକର ବିଶୋଇ, ଯୁଗେଶ୍ୱର ପାତ୍ର ଓ ଶ୍ୟାମ ମହାକୁଡ଼ ଯୋଗ ଦେଇଥିଲେ। ଏହି ଅବସରରେ ତ୍ରିନାଥ ମଣ୍ଡପ ଉଦଘାଟିତ ହୋଇଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି କାର୍ଯ୍ୟକ୍ରମ ରେ ଝିଞ୍ଜିରିଗୁଡ଼ା, କିନାରି ଗାଁ, ନୂଆଗାଁ, ଉଲିପଦର, ସରାମୁଳି, ଗଦାପୁର, ପୁଇଗୁଡ଼ାର ବହୁସଂଖ୍ୟାର ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ କପିଳେଶ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବଙ୍ଗୀୟ ଶ୍ରମିକ ମୃତ

**ଖଜୁରୀପଡ଼ା.୨୩।୧(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ଗେଡ୍ରି ପାଜୁରେ ନିର୍ମାଣ ଚାଲିଥିବା ପାଣି ଟାଙ୍କିରେ କାର୍ଯ୍ୟରତ ଜଣେ ବଙ୍ଗାଳୀ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଜଣକ ହେଲେ ସପନ ପାଲ(୪୬)। ତାଙ୍କ ଘର ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ବିଶ୍ୱନାଥପୁର୍ ଗ୍ରାମ ବୋଲି ଜଣାପଡ଼ିଛି। ଗେଡ୍ରିପାଜୁରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟରେ କିଛି ବଙ୍ଗାଳୀ ଶ୍ରମିକ ଓ ମିସ୍ତ୍ରି କାମ କରୁଥିଲେ। ଶନିବାର ଦିନ କାମ କରି ରୁମକୁ ଫେରିବା ବେଳେ ସପନଙ୍କୁ ବାନ୍ତି ହୋଇଥିଲା। ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାତିରେ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ପରିମଲ୍ ପାଲ ଖଜୁରୀପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏହା ହତ୍ୟା ନା ଅପମୃତ୍ୟ ସେ ସମ୍ପର୍କରେ ତଦନ୍ତ ଚାଲିଥିବା ତଦନ୍ତ କାରି ଅଧିକାରୀ ରାମକୃଷ୍ଣ ବେହେରା ସୂଚନା ଦେଇଛନ୍ତି। ମୃତକ ସପନ ପାଲ ଘରର ଏକ ମାତ୍ର ରୋଜଗାରିଆ ଥିଲେ। ତାଙ୍କର ତିନି ଝିଅ ଏବଂ ସ୍ତ୍ରୀ ଅଛନ୍ତି।

# ଶ୍ରୀକଳା ଘାଟିରେ ଓଲଟିଲା କାର



**ଜି.ଉଦୟଗିରି, ୨୩।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ଶ୍ରୀକଳା ଘାଟିରେ ସୁଟିଂ କରିବାକୁ ଆସିଥିବା କଳାକାରଙ୍କ କାର ଦୁର୍ଘଟଣାର ସମ୍ମୁଖୀନ ହେବାରୁ ତିନି କଳାକାର ଅଭିଷେକ ଗିରି, ସାୟନ ମୁଖାର୍ଜୀ ଏବଂ ସୁନିଲ ପଟ୍ଟନାୟକ ସାମାନ୍ୟ ଆହତ ହୋଇଥିଲେ। ଗ୍ରାମବାସୀ ଆହତ ତିନି କଳାକାରଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅଭିଷେକ ନିଜେ କାର ଚଳାଉଥିଲେ।। ଜି.ଉଦୟଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଓଡ଼ିଆ ଫିଲ୍ମ ‘ଅଦୃଶ୍ୟ’ର ସୁଟିଂ ଚାଲିଥିବା ବେଳେ ଏଥିରେ ନାୟକ ଭୂମିକାରେ ଅଭିଷେକ ଓ ନାୟିକା ଭାବେ ସାୟନ ଅଭିନୟ କରୁଛନ୍ତି। ସକାଳେ ଶ୍ରୀକଳା ଘାଟିରେ ସୁଟିଂ ସ୍ଥଳ ଠିକ୍ କରି ଫେରୁଥିବା ବେଳେ ଘନ କୁହୁଡ଼ି ଯୋଗୁଁ ଘାଟିରେ ଚାଳକ ଭାରସାମ୍ୟ ହରାଇବାରୁ କାର ଗାର୍ଡୱାଲକୁ ମାଡ଼ ହୋଇ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯାଇଥିଲା। ସିଟବେଲ୍ଟ ବ୍ୟବହାର ଯୋଗୁଁ ସେଫଟି ବେଲୁନ ବାହାରିବା ଫଳରେ ସାମାନ୍ୟ ଆହାତ ହୋଇଥିଲେ କଳାକାର। ଦୁର୍ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି।

# ଗୁମାଗଡ଼ରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା

**ଫୁଲବାଣୀ, ୨୩।୧(ସମିସ):** କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଗୁମାଗଡ଼ ପଞ୍ଚାୟତର ରାମ ଘାଟିରେ ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ସ୍ଥାପନ ହୋଇଛି। ରାମ ଜନ୍ମ ଭୂମି ଅଯୋଧ୍ୟାରୁ ଆସିଥିବା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବିଗ୍ରହ ସ୍ଥାପନ ସହ ରାମ ନବମୀ ପାଳିତ ହୋଇଥିଲା। ମନ୍ଦିର ପୂଜକ ପର୍ଶୁରାମ କହଁର, ଶ୍ରୀମୁଖ କର୍ମୀ ରାଜକିଶୋର ଶତପଥୀଏବଂ ଆଖ ପାଖ ଅଞ୍ଚଳର ସଂକୀତନ ମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ। ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।



# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବନ୍ଧୁମିଳନ




**ପାରଳାଖେମୁଣ୍ଡି, ୨୩।୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗଜପତି ଶାଖା ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସେବା ନିବୃତ୍ତ ସରକାରୀ କର୍ମଚାରୀ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଅଶ୍ୱିନୀ କୁମାର ପାଢ଼ୀ, ସମ୍ପାଦକ ସୁରେଶ ବେହେରା, ଉପ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା ଏବଂ ଆଶାଲତା ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଇଂରାଜୀ ନବବର୍ଷକୁ ସ୍ୱାଗତ କରିବାସହ କେତକ ବ୍ୟକ୍ତିଗତ, ଗୋଷ୍ଠୀଗତ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। ଏଥିରେ ଜନାର୍ଦ୍ଦନ ରାଓ, ସୁବାସ ବେହେରା, ରାଜେନ୍ଦ୍ର ବେହେରା, ସୁଶିଲ ପଣ୍ଡା, ଗୌରାଙ୍ଗ ସାବତ, ସୌଦାମିନୀ ମହାରଣା, ଭେଙ୍କଟ ପାତ୍ର, ଆରକ୍ଷୀତ ଜେନା, ବିମଳ ପଣ୍ଡା, ସବିତା ମହାରଣା ବକ୍ତବ୍ୟ ରଖିଥିଲେ। ଶେଷରେ ଅନୁଷ୍ଠାନର ଉପ ସଭାନେତ୍ରୀ ଆଶାଲତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଜୟ ଶ୍ରୀରାମ’ ଧ୍ୱନିରେ ପ୍ରକମ୍ପିତ ହେଲା କଟିଙ୍ଗିଆ ପଞ୍ଚାୟତ

**ଜି.ଉଦୟଗିରି, ୨୩।୧(ସମିସ)**




ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଟିଙ୍ଗିଆ ପଞ୍ଚାୟତ ପ୍ରକମ୍ପିତ ହୋଇଥିଲା। ଏହି ଉପଲକ୍ଷେ ପଞ୍ଚାୟତରେ ବ୍ୟାପକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଷ୍ଠା ଉପଲକ୍ଷେ ରାମ ନାମ ସଂକିର୍ତ୍ତନ ସହିତ ରାମ ରଥ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହାସହିତ ହୋମଯଜ୍ଞ ଆୟୋଜନ ହୋଇଥିଲା। ପ୍ରାଣ ପ୍ରତିଷ୍ଠା କ୍ୟର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁ ଟେଲିଭିଜନରେ ସିଧା ପ୍ରସାରଣ ଦେଖି ନିଜକୁ ଧନ୍ୟ ମନେ କରିଥିବା ବେଳେ ବିଭିନ୍ନ ସ୍ଥାନରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଧାର୍ମିକ ପୀଠକୁ ଆଲୋକମାଳାରେ ସୁସଜ୍ଜିତ କରି ପ୍ରତି ଘରେ କଳସ ସ୍ଥାପନ କରାଯାଇ ସନ୍ଧ୍ୟାରେ ଦୀପ ଜାଳିଥିଲେ ଶ୍ରଦ୍ଧାଳୁ। କଟିଙ୍ଗିଆ କମଳ ବନରେ ସୁଦୟ ବାବାଙ୍କ ତତ୍ତ୍ୱାବଧାନରେ ରାମକଥା ପ୍ରଚଚନ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ଅବନେଶ୍ୱର ପ୍ରଧାନ, ସତ୍ୟାଭାମା ପ୍ରଧାନ, ନବରାଜ ପ୍ରଧାନ, କୃତିବାସ ପ୍ରଧାନ, କାମରାଜ ଦିଗାଳ, ପ୍ରଫୁଲ୍ଲ ପ୍ରଧାନ, କବିରାଜ ପ୍ରଧାନ, ପୀତବାସ ପ୍ରଧାନ, ରମଣ ପ୍ରଧାନ, ନେପାଳ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ସନାତନ ପ୍ରଧାନ ଓ ମଧୁସୂଦନ ପ୍ରଧାନ ସହଯୋଗ କରିଥିଲେ।

**ମିଳିଲା ୧୨ କୋଟି ଅନୁଦାନ**

## ରାସ୍ତାର ଶିଳାନ୍ୟାସ କଲେ ଉପବାଚସ୍ପତି



**ଦାରିଙ୍ଗବାଡ଼ି, ୨୩ା୧(ସମିସ):** ଉପବାଚସ୍ପତି ସାଲୁଗା ପ୍ରଧାନ ଦାରିଙ୍ଗବାଡ଼ି ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଦାରିଙ୍ଗବାଡ଼ି ପଞ୍ଚାୟତ ଅନ୍ତର୍ଗତ ଶ୍ରୀପଙ୍କା ରାସ୍ତା ନିକଟ ବଡ଼ିପଦର ଛକରେ ଭିତ୍ତିପ୍ରସ୍ତର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସଡ଼କ ଯୋଜନା ୧୨ କୋଟି ଅନୁଦାନରେ ରାଜନପାଙ୍ଗା ଠାରୁ ରାଧାକୃଷ୍ଣ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶୀଳାନ୍ୟାସ ସ୍ଥାପନ କରିଥିଲେ ଶ୍ରୀ ପ୍ରଧାନ। ଏଥିସହିତ ବିଧାୟକ ପାଣ୍ଠିରୁ ଅନୁଦାନ ଅର୍ଥରେ ନିର୍ମିତ ଗୋଷ୍ଠୀ ଗୃହ ଉଦଘାଟନ କରିଥିଲେ। ବହୁ ବର୍ଷ ଧରି ଶ୍ରୀପଙ୍କାବାସୀ ଭଲ ରାସ୍ତା ନିର୍ମାଣ ପାଇଁ ଉପ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଉପବାଚସ୍ପତି ଲୋକଙ୍କ ଅନୁରୋଧକୁ ରକ୍ଷା କରି ରାସ୍ତା ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଫଳରେ ଶ୍ରୀପଙ୍କା ସମେତ ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ରହିଥିବା ଯାତାୟାତ ସମସ୍ୟାର ସମାଧାନ ହୋଇପାରିବ ବୋଲି

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

କୁହାଯାଉଛି। ଏଥିଯୋଗୁଁ ଲୋକେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ଏବଂ ଉପବାଚସ୍ପତିଙ୍କୁ ଧନ୍ୟବାଦ ଜଣାଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ବିଡ଼ିଓ ଗଦାଧର ପାତ୍ର, ସହକାରୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା, ବିଧାୟକ ପ୍ରତିନିଧି ଦିପକ ସାହୁ, ଲ୍ୟାମ୍ପସ ଉପ ସଭାପତି ଧର୍ମେନ୍ଦ୍ର ପ୍ରଧାନ, ସିମନବାଡ଼ି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ସନ୍ତୋଷ ବିଶୋଇ, ଛାତ୍ର ସଭାପତି ରୂପକ ସାହୁ, ପ୍ରଫୁଲ ପ୍ରଧାନ ଉପସ୍ଥିତ ଥିଲେ। ସନାତନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ ପ୍ରଧାନ, ସୁନୀଲ ପ୍ରଧାନ, ପ୍ରଭାତ ପ୍ରଧାନ, କାଳିଦାସ ପ୍ରଧାନ, ଆୟୁବ ପ୍ରଧାନ, ଇଶାକ ପ୍ରଧାନ ଏବଂ ଅଞ୍ଚଳବାସୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ପୋଲସରା, ୨୩ା୧(ସମିସ):** ପୋଲସରା ବ୍ଲକ ଚିରିକିପଡ଼ା ଶାସନ ସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ଓଁ ଚାରିଟେବୁଲ ଟ୍ରଷ୍ଟ ପୋଲସରା ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସମାଜସେବୀ ଚନ୍ଦ୍ରହାସ ସାହୁ, ଦେବେଶ କୁମାର ସାହୁ, ଶିବନାରାୟଣ ପ୍ରଧାନ, ସିଫାନି ସାହୁ, ସୁଦାମ ଜେନା ଏବଂ ଓଁ ଚାରିଟେବୁଲ ଟ୍ରଷ୍ଟ ପୋଲସରାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ୬୨ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଚଷମା ଦିଆଯାଇଥିଲା। ୩୪ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିବାରୁ ସେମାନଙ୍କୁ ଅସ୍ତ୍ରୋପଚାର ଲାଗି ହସ୍ପିଟାଲକୁ ଯିବାର ବ୍ୟବସ୍ଥା କରାଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମେନେଜର ନଳିନୀ କାନ୍ତ ରାଉତ, ସାଗର ମହାନ୍ତି (ଟିଫ ଅପଟୋମେଟ୍ରିଷ୍ଟ), ସୁନିତା ଗୌଡ଼, ମେସ୍ଲୋନୀ ଶବର(ଚକ୍ଷୁ ଟେକ୍ନିସିଆନ) ଶିବିର ପରିଚାଳନା କରିଥିଲେ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ସୋରଡ଼ା, ୨୩ା୧(ସମିସ):** ଗୋଛା ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବଡ଼ଗଡ଼ ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ଆଶିଷ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ, ଗୋଛା ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଡା. ରତିରଞ୍ଜନ ସ୍ୱାଇଁ, ଗୋଛା ସରପଞ୍ଚ ତ୍ରିଲୋଚନ



ସାହୁ, ସମିତି ସଭ୍ୟ ପ୍ରତିନିଧି ଶରତ ଦଳବେହେରା, ଗାଜଲବାଡ଼ି ସରପଞ୍ଚ ରଶ୍ମିତା ଆଚାର୍ଯ୍ୟ, ସରକାରୀ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ଗଡ଼ ମେଡିକାଲର ପିଏଚଇଓ ଅଶୋକ କୁମାର ଦାସ, ବିପିଏମକେ. ପଦ୍ମନାଭ ରାଓଙ୍କ ସହ ଗୋଛା ମେଡିକାଲର ନୂତନ ନିଯୁକ୍ତି ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଶ୍ରୀରାମ ପାରାୟଣ ଓ ହନୁମାନ ଚାଳିଶା ପଠନ

**ପାରଳାଖେମୁଣ୍ଡି, ୨୩ା୧(ସମିସ):** ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟାରେ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବିଭିନ୍ନ ସ୍ଥାନରେ ଶ୍ରୀରାମ ଚରିତ ପାରାୟଣ ଓ ହନୁମାନ ଚାଳିଶା ପଠନ ଅନୁଷ୍ଠିତ ହୋଇଥିଲା। ପାରଳା ସହରର ସଦାରାମ ପୋଖରୀ ନିକଟରେ ଥିବା ରଘୁନାଥ ମନ୍ଦିରରେ ସାଧ୍ୱୀ ଅନୁସୂୟା ମାତା (ଅନିତା ପାତ୍ରଙ୍କ) ତତ୍ତ୍ୱାବଧାନରେ ପୂଜାପାଠ ସହ ପାରାୟଣ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ମଧ୍ୟାହ୍ନର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ମୁରଲୀଧର ପରିଚ୍ଛାଙ୍କ ସହଯୋଗରେ ବାଲ ମୁକୁନ୍ଦ କେନ୍ଦ୍ରର ପୁରୋଧା ହରେ ରାମ କୃଷ୍ଣ ଚୌଧୁରୀ ପାରଳାଖେମୁଣ୍ଡି ପରିଚ୍ଛା ମଠ ବିଜେ ଶ୍ରୀ ରସିକରାଜ ମହାପ୍ରଭୁଙ୍କ ଯଥାରୀତି ପୂଜାର୍ଚ୍ଚନା କରି ପ୍ରତିଷ୍ଠା ମହୋତ୍ସବରେ କୌଣସି ବାଧାବିଘ୍ନ ନ ଆସି ବହୁ ଆଡ଼ମ୍ବରରେ ହେବା ନିମନ୍ତେ ପ୍ରାର୍ଥନା କରିଥିଲେ। ଅଯୋଧ୍ୟାରେ ନିର୍ଦ୍ଧାରିତ ମୁହୂର୍ତ୍ତରେ ପ୍ରାଣ ପ୍ରତିଷ୍ଠା ସମୟରେ ଏଠାରେ ପିଲାମାନେ ଧ୍ୟାନସ୍ଥିତିରେ ବସି ରୂପଧ୍ୟାନ କରି ରାମ କାର୍ଯ୍ୟରେ ଲିପ୍ତ ରହିବା ପାଇଁ ସଂକଳ୍ପ ନେଇଥିଲେ। ଏଥିରେ ଲିଙ୍ଗରାଜ ପ୍ରଧାନ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ

**ଭଞ୍ଜନଗର, ୨୩ା୧(ସମିସ):** ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଷଷ୍ଠବାର୍ଷିକ ସମ୍ମିଳନୀ ଭଞ୍ଜନଗର ନିକଟସ୍ଥ ଝାଙ୍କରେଇ ରାମଚଣ୍ଡି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରିଥିଲେ ମଞ୍ଚର ସଭାପତି ସୋମନାଥ ନାୟକ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡକ୍ଟର ଶିବ ପ୍ରସାଦ ଅଧିକାରୀ, ଉପଦେଷ୍ଟା ଡକ୍ଟର କମ୍ବୁପାଣୀ ସାମନ୍ତ, ପ୍ରାକ୍ତନ ଅଧ୍ୟକ୍ଷ ଶିବରାମ ପଣ୍ଡା, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ, ସମ୍ପାଦକ ରବି ନାରାୟଣ ସାମନ୍ତ ମଞ୍ଚରେ ଉପସ୍ଥିତ ଥିଲେ। ସମ୍ମିଳନୀକୁ ସଞ୍ଚାଳନ କରିଥିଲେ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ଓ ସମ୍ମାନୀତ ଅତିଥିଭାବେ ଭଞ୍ଜନଗର ଥାନାର ନୋଡାଲ ଅଫିସର ହରଷି ଜେନା ଓ ଘୁମୁସର ବିକାଶ ପରିଷଦର ପ୍ରକାଶ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର ବିଶୋୟୀ ଯୋଗ ଦେଇଥିଲେ। ସମ୍ପାଦକ ରବି ନାରାୟଣ ସାମନ୍ତ ଗତବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚର ସର୍ବ ବରିଷ୍ଠ ବିଜୟ କୁମାର ପାତ୍ର ଅଧିବକ୍ତା, ସମାଜସେବୀ ଶ୍ୟାମଘନ ସାହୁ ଓ ସନ୍ତୋଷ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଓ ଦୁର୍ଗାମାଧବ ଦାଶ ଉତ୍କଳ ଜନନୀ ସଙ୍ଗୀତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଞ୍ଚର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇଦେବାକୁ ଉପ-ଜିଲ୍ଲାପାଳଙ୍କୁ ପରାମର୍ଶ ଓ ଗଞ୍ଜାମ ଏସ୍‌ପିଙ୍କୁ ଏହି ମଞ୍ଚର ଯେଉଁ ବରିଷ୍ଠ ନାଗରିକମାନେ ପରିଚୟ ପତ୍ର ପାଇନାହାନ୍ତି ସେମାନଙ୍କୁ ଯୋଗାଇଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଦେବେ ବୋଲି ସୂଚନା ଦେଇଥିବା ସଭାପତି ପ୍ରକାଶ କରିବାରେ ମଞ୍ଚର ସଦସ୍ୟମାନଙ୍କ ଭିତରେ ଉତ୍ସାହ ପ୍ରକାଶ ପାଇଥିଲା। କୋଷାଧ୍ୟକ୍ଷ ପୀତାମ୍ବର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଚକରା ବିଷୋୟୀ ଜୟନ୍ତୀ ପାଳିତ



**ଭଞ୍ଜନଗର, ୨୩ା୧(ସମିସ):** ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଷୋୟୀଙ୍କ ଜୟନ୍ତୀ ରାଧାକୃଷ୍ଣ ପାଠାଗାରା ତରଫରୁ ପାଳିତ ହୋଇଯାଇଛି। ଘୁମୁସର ବିଦ୍ରୋହ ଶୀର୍ଷକ ଏକ ଆଲୋଚନା ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କୁମାରୀ ମନୀଷା ପ୍ରଧାନ, ତାନିସାରାଣୀ ସ୍ୱାଇଁ, ତୁଳସୀ ପ୍ରଧାନ, ଇପ୍ସିତା ସାହୁ, ଲିପ୍ସାରାଣୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଗୋବରା ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ନଳିନୀ ପ୍ରଭା ଦାସ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବନମାଳି ଲେଙ୍କା ସମ୍ମାନିତ ଅତିଥି, ନେତାଜୀ ବିଷୋୟୀ ମୁଖ୍ୟବକ୍ତା ରୂପେ ଯୋଗ ଦେବା ସହିତ ବିଦେଶୀ ଶାସକ ବିରୋଧରେ ଘୁମୁସରର ବୀର ବିଶେଷତ୍ୱ ଦୋହାରା ବିଷୋୟୀ ଓ ଚକରା ବିଷୋୟୀଙ୍କ ସଶସ୍ତ୍ର ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ। ଭଞ୍ଜନଗର ଠାରେ ବାର ଆସୋସିଏସନ୍ ସଭାପତି ଅଭିମନ୍ୟୁ ଗୌଡ଼, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଚରଣ ପ୍ରଧାନ, ଦିବାକର ଲେଙ୍କା, ପୁରୁଷୋତ୍ତମ ମହାପାତ୍ର ଯୋଗଦେଇ ଦୋହରା ବିଷୋୟୀ ଓ ଚକରା ବିଷୋୟୀ ରଣ କୌଶଳ ନିର୍ଭିକତା ଦେଶପ୍ରୀତି ତ୍ୟାଗ ଓ ଉତ୍ସର୍ଗୀକୃତ ଜୀବନୀରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଲିଖିତ ଚକରା ବିଷୋୟୀଙ୍କ ସମ୍ପର୍କିତ ପ୍ରବନ୍ଧ ଉପସ୍ଥିତ ଅତିଥି ଓ ଅନନ୍ୟ ବ୍ୟକ୍ତିମାନଙ୍କୁ ବଣ୍ଟନ କରାଯାଇଥିଲା। ଆଲୋଚନା ସଭାରେ ଶିକ୍ଷକ ମୋହନ ସାହୁ, ଭଞ୍ଜକିଶୋର ପ୍ରଧାନ, ଜୟରାମ ଗୌଡ଼, ଶିକ୍ଷକ ଦିବାକର ପ୍ରଧାନ ଅବସରପ୍ରାପ୍ତ ଶିକ୍ଷକ ରମାରଞ୍ଜନ ସାହୁ, ଅରବିନ୍ଦ ସାହୁ ଓ ନାଟ୍ୟ ନିର୍ଦ୍ଦେଶକ ଆଦିକନ୍ଦ ଗୌଡ଼ଙ୍କ ସମେତେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସମ୍ପାଦକ ଭଞ୍ଜକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର

**ଦିଗପହଣ୍ଡି, ୨୩ା୧(ସମିସ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଜଗନ୍ନାଥ



ସଂସ୍କୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ଼. ସୁଶାନ୍ତ କୁମାର ଜେନା ମୁଖ୍ୟ ଅତିଥି, ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ . ପ୍ରକାଶ ପାଣିଗ୍ରାହୀ, ସାମନ୍ତିଆପଲ୍ଲୀ ମହାବିଦ୍ୟାଳୟ ଅଧ୍ୟାପକ ଅଶୋକ କୁମାର ପଣ୍ଡା, ପ୍ରାଧ୍ୟାପକ ଅସିତ କୁମାର ଷଡଙ୍ଗୀ, ସଂଯୋଜିକା ନିର୍ମଳା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦିକା ଡ . ରଞ୍ଜିତା ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ପୁଷ୍ପଲତା ସାହୁ, ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ହିମାଂଶୁ ଶେଖର ମିଶ୍ର ଏବଂ ତ୍ରିଲୋଚନ ରଇତଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ପକ୍ଷାଘାତ ସଚେତନା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୨୩ା୧(ସମିସ):** ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ



ସମୋବାର ପକ୍ଷାଘାତ ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ପକ୍ଷାଘାତ ରୋଗ ସଚେତନା କରିଥିଲେ। ଅଧିକ ଶୁଖିଲା, ଅମ୍ଳ, ତୈଳଯୁକ୍ତ ଖାଦ୍ୟ, ଧାତୁକ୍ଷୟ, ପରିଶ୍ରମ, ଚିନ୍ତା ଓ ଦୁର୍ଘଟଣା ଜନିତ ମୁଣ୍ଡକୁ ଆଘାତ ଲାଗି ରକ୍ତସ୍ରାବ ଦ୍ୱାରା ଶରୀରର ବାମ ବା ଦକ୍ଷିଣ ଅଙ୍ଗକୁ ନିଷ୍କ୍ରିୟ ହୋଇଥିବା ବେଳେ ଏହାକୁ ପକ୍ଷାଘାତ ବା ଏକାଙ୍ଗ ବାତ କୁହାଯାଏ। ବାନ୍ତି, ବିରେଚନ, ଅଭ୍ୟଙ୍ଗ, ସେକ, ନସ୍ୟ ଏହି ପଞ୍ଚକର୍ମ ଚିକିତ୍ସା ଓ ଯୋଗାସନ ସଫଳ ଚିକିତ୍ସା ଏହାରୁ ସୁସ୍ଥ ହୋଇଥାଏ ବୋଲି କହିଥିଲେ। ବିରି, ବାଇଡ଼ୁଙ୍କମଞ୍ଜି, କାଲମୂଳ, ବଜ୍ରମୂଳୀ ମୂଳ ପ୍ରତ୍ୟେକ ଦିନ ଦଶ ଗ୍ରାମ ଲେଖାଏଁ ସିଝାଇ ନିଇତି ପିଇଲେ ଶୀଘ୍ର ଆରୋଗ୍ୟ ମିଳେ। ଏହା ସହ ପୃଷ୍ଟିକର, ହଜମ କାରକ ଖାଦ୍ୟ ଖାଇଲେ ଚିକିତ୍ସାରେ ସହାୟତା ମିଳେ। ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଡି. ଶ୍ରୀନିବାସ ରାଓ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**କୁକୁଡ଼ାଖଣ୍ଡି, ୨୩ା୧(ସମିସ):** ପଞ୍ଚାୟତସ୍ତରୀୟ ସଚେତନତା ଶିବିର କୁକୁଡ଼ାଖଣ୍ଡି ବ୍ଲକ ଲାଠୀ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଯାଇଛି। ଶିବିରରେ ବିଡିଓ ଡ଼ା ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ, ସିଡିପିଓ କୁସୁମ କୁମାରୀ ସାହୁ, ସ୍ଥାନୀୟ ସରପଞ୍ଚ ରାଧାମୋହନ ସେଠୀ, ଏଇ ଇନ୍ଦିରା ପ୍ରିୟଦର୍ଶିନୀ ମହାକୁଡ଼, ସମିତି ସଭ୍ୟା ଜଗନ୍ନାଥ ଭୂୟାଁ, ନାଏବ ସରପଞ୍ଚଙ୍କ ଅନ୍ୟ ସରପଞ୍ଚଙ୍କ ମଧ୍ୟରେ ବଶିଷ୍ଠ କୁମାର ଜେନା, ଚିତ୍ତରଞ୍ଜନ ବିଷୋୟୀ, ଅନିଲ କୁମାର ଗୌଡ଼, ଦେବାଶିଷ ସେଠୀ, ବନ୍ଦନା ସେଠୀ, ପୂର୍ଣ୍ଣବାସୀ ବିଶ୍ୱାଳ, ମାମି ସାସମଲ, ଝିଲି ସେଠୀ, ଲକ୍ଷ୍ମୀ ମହାକୁଡ଼, ସରପଞ୍ଚ ପ୍ରତିନିଧି ଟୁକୁନା ସେଠୀ, ଟୁନା ନାୟକ, ଶଙ୍କର ମହାକୁଡ଼, ସୁକାନ୍ତ ସାସମଲ, ଜିତେନ୍ଦ୍ର ସେଠୀ, ଏଏଫଓ ମୋନାଲିସା ମିଶ୍ର, କୃଷି ଅଧିକାରୀ ସଂଯୁକ୍ତା ପାତ୍ର, ପିଇଓ ମହେନ୍ଦ୍ର କୁମାର ମଲ୍ଲିକ, ଜିଆର୍‌ଏସ୍ ରଞ୍ଜନ ରଣା, ବୁଡୁ ଦାସ, ଯୋଗାଣ ସହାୟିକା ପ୍ରମିଳା ସେଠୀଙ୍କ ସମେତ ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।

## ପାଚିକା ସହାୟିକା ସଂଘର ବୈଠକ

**ସାନଖେମୁଣ୍ଡି, ୨୩ା୧(ସମିସ):** ସାନଖେମୁଣ୍ଡି ବ୍ଲକ ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୁ ଶ୍ରମିକ ସାମୁଖ୍ୟ ସହ ବନ୍ଧିତ ନିଖିଳ ଓଡ଼ିଶା ମାଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ସାନଖେମୁଣ୍ଡି ବ୍ଲକର ପାଚକ ପାଚିକା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସଭାନେତ୍ରୀ ଗାୟତ୍ରୀ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ମୁଖ୍ୟ ସଂଯୋଜକ ତଥା ରାଜ୍ୟ ପାଚକ ପାଚିକା ସଂଘର ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଯୋଗଦେଇ ପାଚିକା 'ମା' ମାନଙ୍କ ସର୍ବନିମ୍ନ ଆବଶ୍ୟକତା ଯଥା ନିଯୁକ୍ତି ଏବଂ ପରିଚୟ ପତ୍ର, ସର୍ବନିମ୍ନ ମଜୁରୀ ଦୈନିକ ୩୫୫୫/- ଟଙ୍କା ଏବଂ ସରକାରୀ ସ୍ୱୀକୃତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାବି ହାସଲ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଗଞ୍ଜାମ ବିକାଶ ମଞ୍ଚ ଆନୁକୂଲ୍ୟରେ ୧୨୦ ଜଣ ଗରିବ 'ମା'ଙ୍କୁ କମ୍ବଳ ବଣ୍ଟନ ସହ ରାଜ୍ୟ ସଭାପତି ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଶାଢ଼ୀ ପ୍ରଦାନ କରିଥିଲେ। ସଭାରେ ସଂଘର କର୍ମକର୍ତ୍ତା ଉପଦେଷ୍ଟା ରୀନା ପ୍ରଧାନ, ସମ୍ପାଦିକା ସୁମତି ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ଉପସଭାନେତ୍ରୀ ମମି ପ୍ରଧାନ, ଦିଗପହଣ୍ଡି ବ୍ଲକ ସଭାନେତ୍ରୀ ସରସ୍ୱତୀ ବିଷୋୟୀ ସମ୍ପାଦିକା ମମତା ପଣ୍ଡା, ଉପସଭାନେତ୍ରୀ ଭାଗ୍ୟଲତା ସାହୁ, ସହସମ୍ପାଦିକା ମଞ୍ଜୁ ଗୌଡ଼ଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ପାଚିକା ସହାୟିକା ଉପସ୍ଥିତ ଥିଲେ।

## 'ନୂଆ-ଓ' ଭାଷା ସାହିତ୍ୟ ପ୍ରତିଯୋଗିତା



**ଖଲ୍ଲିକୋଟ, ୨୩ା୧(ସମିସ):** 'ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ' ଓ 'ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦଘାଟନ ପରିପ୍ରେକ୍ଷୀରେ 'ନୂଆ-ଓ' ଯୋଜନା ମାଧ୍ୟମରେ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଓଡିଆ ଖାଦ୍ୟ, କବିତା, କାହାଣୀ, ସିନେମା, କମେଡି, ଲୋକନୃତ୍ୟ, ଭଜନର ପ୍ରତିଯୋଗିତାର ଆୟୋଜନ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର ସାମିଲ କରାଯାଇଛି। ଏଥିରେ ଯୋଗଦେଇ ବାଗ୍ମୀ ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ଜଗନ୍ନାଥ ସଂସ୍କୃତି ଓ ପରମ୍ପରା କିପରି ଓଡ଼ିଆଙ୍କ ଜୀବନରେ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି ତା'ର ଅବତାରଣା କରିଥିଲେ। କାର୍ଯ୍ୟକ୍ରମର ଉଦଘାଟନ ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ଏବଂ ମହାବିଦ୍ୟାଳୟର ଅଧ୍ୟାପକ ବିପିନ ବିହାରୀ ମାର୍ଥା, ତ୍ରିନାଥ ମହାନ୍ତି, ପ୍ରମୋଦ କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଦାସ, ନିଗମାନନ୍ଦ ସ୍ୱାଇଁ, ବିପିନ ଚନ୍ଦ୍ର ସେଠୀ, ଅତିଥି ଅଧ୍ୟାପକ ଦୀପ୍ତି ରଞ୍ଜନ ଓଝା, ଧୀରେନ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଗଞ୍ଜାମ,୨୩ା୧(ସମିସ):** ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ସକାଶେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ଭୋଳ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ସଂସ୍କୃତି ବିଶାରଦ ତଥା ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟପକ ଡଃ. ସୀମାଞ୍ଚଳ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହନୀୟତା ତଥା ଓଡ଼ିଆ ସାହିତ୍ୟ ବିଷୟ ଉପରେ ଆଲୋଚନା କରିଥିଲେ। ନୋଡାଲ ଅଫିସର ତଥା ଓଡ଼ିଆ ଅଧ୍ୟାପକ ଡଃ. ସୁଶାନ୍ତ ମହାନନ୍ଦ ଓ ବାଣିଜ୍ୟ ବିଭାଗ ଅଧ୍ୟାପକ ସୁମନ ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ତଥା ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ବିଭିନ୍ନ କବିତା, ଗଳ୍ପ, ପ୍ରବନ୍ଧ, ଗୀତ, ଲୋକନୃତ୍ୟ, ଭାଗବତ ଆବୃତ୍ତି, ହସ୍ତ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ନୂଆ-ଓ' ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ପ୍ରାଧ୍ୟାପକ ଅମର ପ୍ରସାଦ ବିଶୋୟୀ, ପ୍ରାଧ୍ୟାପିକା ଡଃ. ସ୍ମରଣିକା ହୋତା, ପ୍ରାଧ୍ୟାପିକା ମମତା ପାଢ଼ୀ, ଓଡ଼ିଆ ଅଧ୍ୟାପକ ଡଃ. ପିତାମ୍ବର ବେହେରା, ଅଧ୍ୟାପିକା ବାଇରୀ ଦେବୀ, ଅରୁନ୍ଧତୀ ସିଂ, ଖୁଣ୍ଟବୁ ନାଜ, ସ୍ୱାଗତିକା ପ୍ରଧାନ, ଅଧ୍ୟାପକ ଡଃ. ଦୁର୍ଗା ପ୍ରସାଦ ଦାଶ, ଡଃ. ସୁଶାନ୍ତ ସେଠୀ, ସୂର୍ଯ୍ୟ ନାରାୟଣ ମୁଦୁଲି, ନିଗମ କୁମାର ସ୍ୱାଇଁ, ନରୋତ୍ତମଃ ମାନ୍ନା, ଶୁଭେନ୍ଦୁ ବିକାଶ ଟହଲ, ହିମାଂଶୁ ନାହାକ, ଅବିନାଶ ପତି, ରଘୁନାଥ ରେଡ଼ି, ଅଜୟ ବାରିକି, ପ୍ରବୀର ପାଢ଼ୀ, ଶିବ ଶଙ୍କର ବେହେରା ପ୍ରମୁଖ ସହଯୋଗ କରିଛନ୍ତି।



## ଗୋପାଳ ସମାଜ ଜିଲ୍ଲା ସଭାପତିଙ୍କ ଦେହାନ୍ତ

**ଭଞ୍ଜନଗର,୨୩ ।୧(ସମିସ):** ଗଞ୍ଜାମ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜର ଜିଲ୍ଲା ସଭାପତି କାଳୀଚରଣ ଗୌଡ଼ଙ୍କର ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ଘଟିଛି। ମଙ୍ଗଳବାର ତାଙ୍କ ମର ଶରୀର ଭଞ୍ଜନଗର ବାଗଦେବୀ ରୋଡ୍ ସ୍ଥିତ ବାସଭବନରେ ପହଂଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ସହିତ ଅମର ଆଭାର ସଦଗତି କାମନା କରି ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପର୍ଶୁରାମ ଗୌଡ଼, ଜିଲ୍ଲା ସମ୍ପାଦକ ପ୍ରେମାନନ୍ଦ ମହାଙ୍କୁଡ, ଜିଲ୍ଲା କୋଷାଧକ୍ଷ ଗଣେଶ ମହାଙ୍କୁଡ଼, ମହୁରୀ ତାଲୁକା ସଭାପତି ବାବୁଲା କୁମାର ଗୌଡ଼, ଧରାକୋଟ ଉପସଭାପତି ଯୋଗେନ୍ଦ୍ର ଗୌଡ଼, ଧରାକୋଟ ଉପଦେଷ୍ଟା ରମେଶ ଗୌଡ଼, ଗଞ୍ଜାମ ଜିଲ୍ଲାର ଅନ୍ୟାନ୍ୟ ତାଲୁକା ତଥା ଘୁମୁସର ତାଲୁକାର ପ୍ରତ୍ୟକ ମୁଠା ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଘୁମୁସର ତାଲୁକା ସଭାପତି ଶିବ ଶଙ୍କର ପ୍ରଧାନ, ସମ୍ପାଦକ ବିଦ୍ୟାଧର ଗୌଡ଼, ପ୍ରଫୁଲ ପ୍ରଧାନ, ଜୟଦେବ ଗୌଡ଼, ଉତ୍ତର ତଳ ମୁଠାରୁ ହରିଶ୍ଚନ୍ଦ୍ର ଗୌଡ଼, ଲଡ୍ଡୁ ଗୌଡ଼, ପୀତବାସ ଗୌଡ଼, ପୂର୍ବଗଡ଼ ତଳ ମୁଠାରୁ ମନୋଜ ପ୍ରଧାନ, ସତ୍ୟବାଦୀ ଗୌଡ଼, ଶୁଭେନ୍ଦୁ କୁମାର ଗୌଡ଼, ନଣ୍ଡା ଗୌଡ଼ ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜର ଏବଂ ଅନ୍ୟାୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସଚେତନତା



**ରଙ୍ଗେଇଲୁଣ୍ଡା,୨୩ ।୧(ସମିସ):** ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଲୁହାଝର ଓ କୋଳଥିଗାଁ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ଚିନି ଉଷା ରାଣୀ, ଗଞ୍ଜାମ ଜିଲ୍ଲା ପରିଷଦ ଉପସଭାପତି ରାଜେଶ୍ୱରୀ ଦୋରା, ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତୋଅପଇ ଦାସ, ସିଡିପିଓ ଜ୍ୟୋସ୍ନା ପାଢ଼ୀ, ଅତିରିକ୍ତ ବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ସାଂସଦଙ୍କ ପ୍ରତିନିଧି ଅଜିତ କୁମାର ଦାଶ, ବ୍ଲକ ଉପାଧ୍ୟକ୍ଷ ଅନିତା ମାହାଙ୍କୁଡ, ରଣ୍ଟା ସରପଞ୍ଚ ଅଜିତ କୁମାର ରାଉଳ ଯୋଗଦେଇଥିଲେ। ବ୍ଲକ ଯୁବ ସଭାପତି ବିନୋଦ କୁମାର ମାହାଙ୍କୁଡ଼ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ବିଧାୟକ ପଣ୍ଡା ଉଦଘାଟନ କରିଥିଲେ। ଗୀତାଞ୍ଜଳି ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଅବସରରେ ସହକାରୀ ମତ୍ସ୍ୟ ଅଧିକାରୀ ଦୀପ୍ତିମଇ ବେହେରା, ସମାଜସେବୀ ରାମହରି ପାତ୍ର, ସରପଞ୍ଚ ଅସନ୍ତାଲୁ ରେଡି, ସସ୍ମିତା ବେହେରା, ଧର୍ମ ରେଡି, କେ ପ୍ରବୀଣ କୁମାର, ବାଇରୀ ପାତ୍ର, ପ୍ରମୋଦ ସାହୁ, ବିଭୁତି ଭୂଷଣ ଲେଙ୍କା, ଜୟସେନ ସାହୁ, ଛାତ୍ର ନେତା ମିଳେନ୍ଦ୍ର ପ୍ରଧାନ, କୁନା ପାଣିଗ୍ରାହୀ, ରାଜେଶ ସାହୁ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଟାଟା ମୁମ୍ବାଇ ମାରାଥନ୍‌ରେ ଡାକ୍ତର କଲେ ରେକର୍ଡ




**ବ୍ରହ୍ମପୁର,୨୩ ।୧(ସମିସ):** ଟାଟା ମୁମ୍ବାଇ ମାରାଥନ୍‌ରେ ଭାଗନେଇ ଓଡ଼ିଶା ଡାକ୍ତର କରିଛନ୍ତି ରେକର୍ଡ। ୫ଘଣ୍ଟାରେ ୪୨କିଲୋମିଟର ଦୌଡି ଅତିକ୍ରମ କରି ସେ ଏହି ସଫଳତା ହାସଲ କରିଛନ୍ତି। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ନିକଟ ଭୁତସରସିଂ ଗ୍ରାମରେ ଜନ୍ମିତ ଡାକ୍ତର ମନୋରଞ୍ଜନ ନାୟକ(୫୨) ହାଇଦ୍ରାବାଦସ୍ଥିତ ଓମେଗା କ୍ୟାନ୍ସର ହସ୍ପିଟାଲରେ ସର୍ଜିକାଲ ଅନ୍‌କୋଲୋଜିଷ୍ଟ(ହେଡ୍ ଏଣ୍ଡ ନେକ୍) ଭାବେ କାର୍ଯ୍ୟରତ ଅଛନ୍ତି। ଗତ ୨୧ତାରିଖରେ ମୁମ୍ବାଇଠାରେ ଆୟୋଜିତ ଟାଟା ମୁମ୍ବାଇ ମାରାଥନ୍‌ରେ ସେ ଅଂଶଗ୍ରହଣ କରିଥିଲେ। ମାରାଥନ୍‌ରେ ଭାଗନେଇ ୪୨କି.ମି ଦୂରତାକୁ ୫ଘଣ୍ଟାରେ ଅତିକ୍ରମ କରିଥିଲେ। ଜଣେ ଓଡ଼ିଆ ଭାବେ ସେ ଏହି ମାରାଥନ୍‌ରେ ଭାଗନେଇ ଗର୍ବ ଅନୁଭବ କରିଥିବା ସେ କହିଛନ୍ତି। ଏହାସହ ତାଙ୍କ ସଫଳତାରେ ଗଞ୍ଜାମ ତଥା ପୁରୁଷୋତ୍ତମପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଡାକ୍ତର ମନୋରଞ୍ଜନ ଭୁତସରସିଂ ଗ୍ରାମର ସ୍ୱର୍ଗତ ଡାକ୍ତର ମାୟାଧର ନାୟକଙ୍କ ପୁଅ ଅଟନ୍ତି। ତାଙ୍କର ବାଲ୍ୟକାଳ ବ୍ରହ୍ମପୁର ଆଙ୍କୁଲିରେ ଅତିବାହିତ କରିଥିବା ବେଳେ ବ୍ରହ୍ମପୁର ଏମ୍‌କେସିଜିରେ ଡାକ୍ତରୀ ପାଠ ପଢ଼ିଥିଲେ।

## ନେତାଜୀ ଜୟନ୍ତୀ ପାଳିତ

**ବ୍ରହ୍ମପୁର,୨୩ ।୧(ସମିସ):** ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୁଲ୍ୟରେ ନେତାଜୀ ଜୟନ୍ତୀ ପାଳିତ। ବରିଷ୍ଠ ପ୍ରାଧ୍ୟାପକ ଡ଼ ସତୀଶ ପ୍ରସାଦ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ବିଜୟ କୁମାର ଖଟେଇ, ଅଧାପିକା ସଂଗୀତା ସ୍ୱାଇଁ, ପଦ୍ମ ଚରଣ ଦାସ ଓ



ଯୁବ ରେଡକ୍ରସର ପରାମର୍ଶଦାତା ପ୍ରଶାନ୍ତ କୁମାର ନାୟକ ଉପସ୍ଥିତ ଥିଲେ। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ ଅର୍ପଣ କରି ଶାନ୍ତି ପାଠ ହୋଇଥିଲା।

● ଗଜପତି ଜିଲ୍ଲାରେ '୫-ଟି' ଅଧ୍ୟକ୍ଷ

# ସଫଳତା ପାଇଁ ଯୁବପିଢ଼ିଙ୍କୁ ଦେଲେ ୫ଟି ଗୁରୁମନ୍ତ୍ର

**ପାରଳାଖେମୁଣ୍ଡି/କାଶୀନଗର/ଆର.ଉଦୟଗିରି, ୨୩।୧(ସମିସ)**

ଦିନିକିଆ ଗଜପତି ଗସ୍ତରେ ଆସି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲ୍ଲାର ଉଭୟ ପାରଳାଖେମୁଣ୍ଡି ଓ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ପାରଳାଖେମୁଣ୍ଡି, କାଶୀନଗର ଓ ରାମଗିରି ଠାରେ ପୃଥକ ପୃଥକ ୩ଟି ସଭାରେ ଯୋଗ ଦେଇଥିଲେ ।

ପ୍ରଥମେ ପାରଳାଖେମୁଣ୍ଡିରେ ଆୟୋଜିତ ଜିଲ୍ଲାସ୍ତରୀୟ 'ନୂଆ-ଓ' ଏବଂ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ସେ ଯୁବପିଢିଙ୍କୁ ସମ୍ବୋଧନ କରିଥିଲେ । ସ୍ଥାନୀୟ ଗଜପତି ଷ୍ଟାଡିୟମ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପଣ୍ଡିଆନ କହିଥିଲେ ଯେ, ଯୁବଶକ୍ତି ହେଉଛନ୍ତି ନୂଆ ଓଡ଼ିଶାର ଭବିଷ୍ୟତ। ଏହା ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପରିକଳ୍ପନା, ଯେଉଁଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିଃହିତ ପ୍ରତିଭାର ବିକାଶ ହୋଇପାରିବ। ସଂସ୍କୃତି, କ୍ରୀଡ଼ା ଓ ସମାଜସେବା ମାଧ୍ୟମରେ ଯୁବଶକ୍ତି ନୂଆ ଓଡ଼ିଶା, ବିକଶିତ ଓଡ଼ିଶା ଓ ସମ୍ପୂର୍ଣ୍ଣ ଓଡ଼ିଶା ଗଠନରେ ସହାୟକ ହେବେ। ଏହା ସହିତ ଛାତ୍ରଛାତ୍ରୀଙ୍କୁ ସେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଯୁବଶକ୍ତି ହେଉଛନ୍ତି ନୂଆ ଓଡ଼ିଶାର ଭବିଷ୍ୟତ । ସେମାନେ ସଫଳ ହେଲେ ରାଜ୍ୟ ତଥା ଦେଶ ମଧ୍ୟ ଆଗେଇବ । ସଫଳତା ହାସଲ ପାଇଁ ସ୍ୱପ୍ନ ଦେଖୁଥିବା ପିଲାମାନେ '୫-ଟି' ମନ୍ତ୍ରରେ ମନ୍ତ୍ରିତ ହେବାକୁ ପଡ଼ିବ । ସେଗୁଡିକ ହେଲା ଶରୀରକୁ ସୁସ୍ଥ ରଖିବା ପାଇଁ ନିୟମିତ ବ୍ୟାୟାମ, ବିବେକ ଓ ବୁଦ୍ଧି ସହ ସ୍ମରଣ ଶକ୍ତି ବୃଦ୍ଧି ପାଇଁ ନିୟମିତ ଧ୍ୟାନ, ପ୍ରତିଦିନ ଅନ୍ତତଃ ୧୪ ଘଣ୍ଟା କଠିନ ପରିଶ୍ରମ କରିବା ଏବଂ ସୋସିଆଲ ମିଡିଆକୁ ଦୈନିକ ୧ଘଣ୍ଟାରୁ କମ୍ ବ୍ୟବହାର କରିବା । ଏହି ୫ଟି ମନ୍ତ୍ର ବିନା ସଫଳତା ଅସମ୍ଭବ । '୫-ଟି' ମାଧ୍ୟମରେ ଗଜପତି ଜିଲ୍ଲାର ୧୭ଟି କଲେଜକୁ ରୂପାନ୍ତରିତ କରାଯାଉଛି । ଯାହାଦ୍ୱାରା ଏକ ଭଲ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ । ସେ ଛାତ୍ରଛାତ୍ରୀଙ୍କ ସହ ସେଲ୍ଫି ମଧ୍ୟ ନେଇଥିଲେ । ୫ଟି ଅଧ୍ୟକ୍ଷଙ୍କ ସହ ସେଲ୍ଫି ନେଇ ଢେର ଖୁସିଥିବା ଛାତ୍ରଛାତ୍ରୀ ତାଙ୍କର ୫ଟି ମନ୍ତ୍ରକୁ ନିଶ୍ଚିତ ଭାବେ ପାଳନ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଶାସନ ସଚିବ ଆର.ଭିନିଲ୍ କ୍ରିଷ୍ଣା, ଦକ୍ଷିଣାଞ୍ଚଳ ଆରକ୍ଷୀ ମହା ନିରୀକ୍ଷକ ସତ୍ୟବ୍ରତ ଭୋଇ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଏସପି ସ୍ୱାତୀ ଏସ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୧ହଜାର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଓଲିଉଡ ଅଭିନେତା ବାବୁଶାନ ମହାନ୍ତି, ଓଲିଉଡ ଗାୟକ କୁଳଦୀପ ପଟ୍ଟନାୟକ, ଗାୟିକା ଅର୍ଚ୍ଚନା, ଆରୀୟା ସାଇଙ୍କ ଯୋଗଦାନ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା । ସେମାନଙ୍କ ନୃତ୍ୟ ଓ ସଙ୍ଗୀତର ତାଳେତାଳେ ସମସ୍ତ ଛାତ୍ରଛାତ୍ରୀ ମନଭରି ଉପଭୋଗ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ଼.ଗୁଣାନିଧି ନାୟକଙ୍କ ତଦାରଖରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ



ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ, ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସମେତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ ।

ଏହା ପରେ ଶ୍ରୀ ପାଣ୍ଡିଆନ କାଶୀନଗର ଗସ୍ତ କରିଥିଲେ। ସେଠାରେ ସେ ବିକାଶର ଗାଥା କହିଥିଲେ । ଏହି ଜନସମାବେଶରେ ପାରଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକ ଯଥା ଗୋଷାଣି, ଗୁମ୍ମା ଓ କାଶୀନଗର ଏବଂ ପାରଳା ପୌରପରିଷଦ ଓ କାଶୀନଗର ଏନ୍‌ଏସିର ପ୍ରାୟ ୧୦ହଜାରରୁ ଅଧିକ ଜନସମାଗମ ହୋଇଥିଲା । ଶ୍ରୀ ପାଣ୍ଡିଆନ ଲୋକଙ୍କ ମଧ୍ୟକୁ ଯାଇ ସିଧାସଳଖ କଥାବାର୍ତ୍ତା ହେବା ସହ ଶହଶହ ଦରଖାସ୍ତ ଗ୍ରହଣ କରିଥିଲେ । ସେ କହିଥିଲେ, ଗଜପତି ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ଆଗଭର । ତେଣୁ ୭ମାସ ଭିତରେ ଗଜପତି ଜିଲ୍ଲାକୁ ମିଳିଛି ପ୍ରାୟ ୧୨୦ କୋଟି ଟଙ୍କା। ପାରଳାଖେମୁଣ୍ଡିରେ ୪ ଲେନ୍ ବିଶିଷ୍ଟ ବାଇପାସ୍ ରାସ୍ତା ପାଇଁ ୫୦କୋଟି ଟଙ୍କା, ପାରଳାଖେମୁଣ୍ଡି ଏସକେସିଜି କଲେଜର ଉନ୍ନତିକରଣ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା, କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜର '୫-ଟି' ରୂପାନ୍ତରଣ ଲାଗି ୫୦ଲକ୍ଷ ଟଙ୍କା, ଗୁମ୍ମା ଏସ୍‌ସି ଏସଟି ବିଭାଗର ତୁମୁଲ ହାଇସ୍କୁଲ ପାଇଁ ୫୦ଲକ୍ଷ, କୃଷ୍ଣସାଗର ପାଇଁ ୩ କୋଟି ୧୦ଲକ୍ଷ, ରାମସାଗର ପାଇଁ ୩ କୋଟି ୫୦ ଲକ୍ଷ, ଗଜପତି ସାଗର ଉନ୍ନତିକରଣ ପାଇଁ କୋଟିଏ ୪୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଗୁମ୍ମାରେ ମଡେଲ୍ ବସଷ୍ଟାଣ୍ଡ କାମ ସରିଛି। ପିଇବା ପାଣି ପ୍ରତି ଘରେ ପାଇପ୍ ଯୋଗେ ପହଞ୍ଚାଇବାକୁ କାମ ଆରମ୍ଭ ହେବ। ୭ମାସ ଭିତରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ପାଇଁ ୧୧୮ କୋଟି ୩୦ଲକ୍ଷ ମଞ୍ଜୁର କରାଯାଇଛି। ମନ୍ଦିର, ମସଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ସମ୍ପର୍କିତ ଦରଖାସ୍ତ ନେଇ ୧୦ଦିନ ଅର୍ଥାତ ଫେବୃୟାରୀ ୩ ତାରିଖ ଭିତରେ ଖୁସି ଖବର ପାଇବେ ବୋଲି ସେ କହିଥିଲେ । ଗତ ମେ' ୧୦ ତାରିଖରେ ସେ ଆସି ୩୮୦ ଦରଖାସ୍ତ ପାଇଥିଲେ। ଏହା ମଧ୍ୟରୁ ୩୫୦ଟି ଦରଖାସ୍ତ ସମାଧାନ ହୋଇଥିବାର ପ୍ରକାଶ କରିଥିଲେ। ଗଜପତି ଜିଲ୍ଲାରେ ଲକ୍ଷ୍ମୀ ଯୋଜନାରେ ବସ୍ ଚାଲିଛି। ଖୁବ୍ ଶୀଘ୍ର ଭତ୍ତା ସହ ଆଶା, ଅଙ୍ଗନବାଡି ଦିଦି, ସ୍ୱଚ୍ଛ ସାଥୀଙ୍କ ଦରମା ବୃଦ୍ଧି ନେଇ ଖୁସି ଖବର ଦେବେ ମୁଖ୍ୟମନ୍ତ୍ରୀ ବୋଲି ସେ କହିଥିଲେ।

> ● ଭତ୍ତା ବୃଦ୍ଧି ପାଇଁ ଚିନ୍ତା କରୁଛନ୍ତି ମୁଖ୍ୟମନ୍ତ୍ରୀ
> ● ଛାତ୍ରଛାତ୍ରୀଙ୍କ ସହ ସେଲ୍ଫି ନେଲେ କାର୍ତ୍ତିକ ପାଣ୍ଡିଆନ
> ● ପ୍ରତିବର୍ଷ ଆୟୋଜିତ ହେବ ନୂଆ ଓଡ଼ିଶା କାର୍ଯ୍ୟକ୍ରମ
> ● ସବୁ ପରିବାର ବିଏସ୍‌କେୱାଇ ଯୋଜନାରେ ସାମିଲ ହେବେ

ସେ ଆହୁରି କହିଥିଲେ ଯେ, ପ୍ରତି ପଞ୍ଚାୟତରେ ମିଳିବ ବ୍ୟାଙ୍କସେବା ସୁବିଧା । ଗ୍ରାମାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ନ ଥିବା ଲୋକେ ବିଏସକେୱାଇ ନବୀନ କାର୍ଡ ପାଇଁ ଆବେଦନ କର ପାରିବେ। ଗରିବ ଜନତାଙ୍କ ପରିବାରରେ ବଡ଼ ରୋଗ ଆସିଲେ ଦୃଢ ଇଚ୍ଛାଶକ୍ତି ସହ ମୁକାବିଲା କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଶକ୍ତ କରୁଛନ୍ତି । ଏହି ସରକାର ଲୋକଙ୍କ ସରକାର । ଏସବୁ ଆପଣଙ୍କ ସ୍ନେହ ଶ୍ରଦ୍ଧା ଏବଂ ମୁଖ୍ୟମନ୍ତ୍ରୀଙ୍କ ଆପଣମାନଙ୍କ ପ୍ରତି ଥିବା ସ୍ନେହ ଶ୍ରଦ୍ଧାରେ ବିକାଶ ଚାଲିଥିବାର କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଗଜପତି ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ଶଶୀଭୂଷଣ ମହାନ୍ତି, ପୃଥ୍ୱୀରାଜ ସାହୁ, ଡ.ତିରୁପତି ପାଣିଗ୍ରାହୀ, ଜିଲ୍ଲା ଯୁବ ବିଜେଡି ସଭାପତି ଏସ୍.ଲିଙ୍ଗରାଜୁ, ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ଏନ୍‌ଏସି ଅଧ୍ୟକ୍ଷା ଏମ୍.ସୁଧାରାଣୀ, ଏସଡିସି ଅଧ୍ୟକ୍ଷା ମୋରିୟମ ରଇତ ପ୍ରମୁଖଙ୍କ ସମେତ ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜନ ପ୍ରତିନିଧି, ବିଜେଡି ନେତା ଓ କର୍ମୀମାନେ ଉପସ୍ଥିତଥିଲେ । ସବୁ ଠାରୁ ଉଲ୍ଲେଖନୀୟ କଥା ହେଲା ଯେ, ସଭାସ୍ଥଳକୁ ଆସିଥିବା ମୁସିଲିମ ସଂପ୍ରଦାୟ ଏବଂ ଖ୍ରୀଷ୍ଟିୟାନ ସଂପ୍ରଦାୟର ଲୋକେ ଶ୍ରୀ ପାଣ୍ଡିଆନଙ୍କ ବକ୍ତବ୍ୟ ଶୁଣିବେଶ ଖୁସି ପ୍ରକଟ କରିଛନ୍ତି । ସେମାନେ କହିଛନ୍ତି ଯେ, ଆମେ ଗତ ୨୦ ବର୍ଷ ହେଲା ନବୀନ ସରକାରଙ୍କୁ ସମର୍ଥନ ଦେଇ ଆସିଛୁ ଏବଂ ସମର୍ଥନ ଜାରି ରହିବ । ସେହିପରି ଉପସ୍ଥିତ ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ଓ ଦେଖି ବେଶ ଉତ୍ସାହିତ ହୋଇଥିବାର ଦେଖିବାକୁ ମିଳିଥିଲା । ଏହାସହ ଶ୍ରୀ ପାଣ୍ଡିଆନଙ୍କ ସହ ସେଲ୍ଫି ମଧ୍ୟ ଉଠାଇଥିଲେ ।

ଗସ୍ତର ଶେଷ କାର୍ଯ୍ୟକ୍ରମ ଭାବେ ଶ୍ରୀ ପାଣ୍ଡିଆନ ମୋହନା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାମଗିରି ସ୍ଥିତ ଏସଏସଡି ବିଦ୍ୟାଳୟ ପଡିଆରେ ଆୟୋଜିତ ଜନସଭାରେ ଯୋଗ ଦେଇଥିଲେ। ସେଠାରେ ପହଞ୍ଚିବା ପରେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରି ଉପସ୍ଥିତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ୭ମାସ ପୂର୍ବେ ଅର୍ଥାତ ଗତ ମେ ୯ ତାରିଖରେ ମୋହନା ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ ମୋଟ ୪୨୫ଟି ଦରଖାସ୍ତ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୮୦ ଦାବି ତଥା ପ୍ରସ୍ତାବର ସମାଧାନ ହୋଇସାରିଥିବା କହିଥିଲେ। ଇତି ମଧ୍ୟରେ ମୋହନା ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରୋକ୍ତ ପ୍ରକଳ୍ପ ପାଇଁ ମୋଟ ୧୬୦କୋଟି ୮୦ଲକ୍ଷ ମଞ୍ଜୁର କରିଥିବା ସେ ସୂଚନା ଦେଇଥିଲେ। ସେଥି ମଧ୍ୟରୁ ମହେନ୍ଦ୍ରତନୟା ନଦୀ ଉପରେ କରଡ଼ାସିଙ୍ଗି ଠାରେ ୧୯କୋଟି, ସାଇଡିବା ନିଃସଙ୍ଗପୁରରେ ୫.୭୦ କୋଟି, ଡମ୍ବଲା ସେତୁ ପାଇଁ ୪.୯୫ କୋଟି, ରୁଇସିଂ ନାଳ ଉପରେ ସେତୁ ପାଇଁ ୪.୮୦ କୋଟି, ମୁରାସାହି ୪.୪୦ କୋଟି, ଲିଆବାରୁ ଅଟରସିଂ ରାସ୍ତା ନିର୍ମାଣ ପାଇଁ ୪କୋଟି, କାଣିମୁଣ୍ଡା ୪.୧୦ କୋଟି, ଲୁହାଙ୍ଗାର ପଞ୍ଚାୟତରେ ସେତୁ ୪.୦୮ କୋଟି, କେରାଣ୍ଡୀ ପଞ୍ଚାୟତ ବାନ୍ଦୁଗାଁ ନାଳ ଉପରେ ସେତୁ ପାଇଁ ୩.୩୦ କୋଟି ମଞ୍ଜୁର ହୋଇଛି। ଜଳପ୍ରପାତ ଯେପରି ମାଙ୍କଡ଼ଡିଆଁ ପାଇଁ ୨.୯୫ କୋଟି, ଖସଡ଼ା ୩ କୋଟି, ଗଣ୍ଡାହାତୀ ୧.୭୦କୋଟି, ଗୁଡୁଗୁଡା ଜଳପ୍ରପାତର ଉନ୍ନତିକରଣ ପାଇଁ ୧.୨୫ କୋଟି ମଞ୍ଜୁର ହୋଇଛି। ଏଥି ସହିତ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ପାଇଁ ମଧ୍ୟ ଅର୍ଥ ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ କଥା ନୁହେଁ କାମରେ ବିଶ୍ୱାସ କରନ୍ତି। ଧର୍ମାନୁଷ୍ଠାନ ଗୁଡିକର ନିର୍ମାଣ ଓ ଉନ୍ନତିକରଣ ପାଇଁ ୯.୫୦କୋଟିରେ ମୋଟ ୧୩୦ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ମନ୍ଦିର, ମସଜିଦ, ଚର୍ଚ୍ଚ, ଗୋଷ୍ଠୀ କେନ୍ଦ୍ରର ଉନ୍ନତି ପାଇଁ ମିଳିଥିବା ଦରଖାସ୍ତର ୧୦ଦିନ ମଧ୍ୟରେ ଅର୍ଥାତ ଫେବୃଆରୀ ୩ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ଅବଶିଷ୍ଟ ଦରଖାସ୍ତର ସମାଧାନ ପାଇଁ ମାସେ ସମୟ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ପ୍ରତି ଆବେଦନ ସମ୍ପର୍କରେ ଆବେଦନକାରୀଙ୍କ ନିକଟକୁ ସ୍ଥାନୀୟ ପ୍ରଶାସନ ନିକଟରୁ ସ୍ଥିତି ସମ୍ପର୍କିତ ଚିଠି ଆସିବ ବୋଲି ସେ କହିଥିଲେ। ସବୁ ଅନୁଦାନକୁ ସ୍ୱଚ୍ଛତାର ସହ ବିନିଯୋଗ କରନ୍ତୁ। ଏହା ଆପଣଙ୍କ ଟଙ୍କା। ସ୍ୱଚ୍ଛ କାମ କଲେ ଆହୁରି ଅଧିକ କିସ୍ତିରେ ଅଧିକ ଅନୁଦାନ ମିଳିବ ବୋଲି ସେ କହିଥିଲେ। ବିଏସକେୱାଇ କାର୍ଡ ଜରିଆରେ ଗରିବ ଲୋକ ବି ବଡ଼ ହସ୍ପିଟାଲରେ ଉନ୍ନତମାନର ଚିକିତ୍ସା ସେବା ପାଇପାରିବେ। ଏହି ସୁବିଧା ସାରା ଦେଶରେ ଆଉ କେଉଁଠି ନାହିଁ। ପ୍ରତି ମାସ ଏଥିରେ ରାଜ୍ୟ ସରକାର ୨୦୦ କୋଟି ଖର୍ଚ୍ଚ କରୁଛନ୍ତି । ଲକ୍ଷ୍ମୀ ବସ କିଭଳି ସେବା ଯୋଗାଉଛି ଓ ଏହା ଲୋକଙ୍କ ପାଇଁ କେତେ ସୁବିଧା ହୋଇପାରିଛି ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପ୍ରଶ୍ନ କରିଥିଲେ। ଖୁବଶୀଘ୍ର ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବା ସହ ଆସନ୍ତା ମାସରୁ ହିତାଧିକାରୀଙ୍କ ଭତ୍ତା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ଯୋଜନା କରୁଥିବା ସେ ସୂଚନା ଦେଇଥିଲେ।

## ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ

**ଫୁଲବାଣୀ,୨୩ା୧(ସମିସ):** ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଦଳ ତରଫରୁ ଆରମ୍ଭ ହୋଇଛି ପରିବାର ସମ୍ପର୍କ ଅଭିଯାନ। ଆଜି କନ୍ଧମାଳ ଜିଲ୍ଲାର ତିନି ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଫୁଲବାଣୀରେ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ଆଜି ସ୍ଥାନୀୟ ଏଫ ସି ଆଇ ଛକ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ମାଲ୍ୟାର୍ପଣ କରି ଅଭିଯାନର ଶୁଭାରମ୍ଭ କରିଥିଲେ। ପରେ ୯ ନଂ ୱାର୍ଡର ବିଭିନ୍ନ ଘରକୁ ଯାଇ ଶଙ୍ଖ ଚିହ୍ନ ଷ୍ଟିକର ମାରିବା ସହିତ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପୌରାଞ୍ଚଳର ସମସ୍ତ ୱାର୍ଡରେ ଚାଲିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଜିର କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ନଗର ସଭାପତି ବିମଳ ପାଢୀ, ପୌର ଉପାଧ୍ୟକ୍ଷା ପାୟେଲ ବେହେରାଙ୍କ ସମେତ ଦଳୀୟ କାଉନସିଲର ଓ କର୍ମୀ ଉପସ୍ଥିତ ଥିଲେ।



## ଭଞ୍ଜନଗର ଉପଖଣ୍ଡରେ ୬୦ଭାଗ ଖରିଫ ଧାନ ସଂଗ୍ରହ
## ୧୫୭ଟି ସ୍ଥାନରେ ଖୋଲାଯାଇଛି ମଣ୍ଡି

**ଭଞ୍ଜନଗର,୨୩ ।୧(ସମିସ):** ଭଞ୍ଜନଗର ଉପଖଣ୍ଡରେ ପଞ୍ଜିକୃତ ଚାଷୀଙ୍କ ଠାରୁ ଖରିଫ ଧାନ କିଣା ଚାଲିଛି। ବର୍ତ୍ତମାନ ସୁଦ୍ଧା ମୋଟ ୬୦ଭାଗ ଧାନ କ୍ରୟ ଶେଷ ହେଲାଣି। ୧୧୯ଟି ସେବା ସମବାୟ ସମିତି ଓ ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମୋଟ ୧୫୭ଟି ସ୍ଥାନରେ ଧାନ କିଣିବା ଜାରି ରହିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧାନ ବିକ୍ରି ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଧାନ କିଣିବା ଏବଂ ଚାଷୀମାନେ କିଭଳି କୌଣସି ସମସ୍ୟାର ସମ୍ମୁଖୀନ ନହେବେ ଏଦିଗରେ ଗୁରୁତ୍ୱ ଦିଆଯାଇଛି। ଭଞ୍ଜନଗର ଉପଖଣ୍ଡରେ ଗତ ବର୍ଷ ୧୬,୮୯, ୦୦୧୨୫ କୁଇଣ୍ଟାଲ ଧାନ କିଣା ଯାଇଥିବା ବେଳେ ଏଥର ଧାନ ବିକିବା ପାଇଁ ୪୭୩୧୩ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଗତ ବର୍ଷ ମିଲରଙ୍କ ସଂଖ୍ୟା ୧୩୦ ଥିବା ବେଳେ ଏ ବର୍ଷ ୧୩୪ଜଣ ମିଲର ଧାନ କିଣିବା ଆରମ୍ଭ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ସାଧାରଣ ଧାନ ନିମନ୍ତେ କ୍ୱିଣ୍ଟାଲ ପିଛା ୨୦୪୦ଟଙ୍କା ଦର ଧାର୍ଯ୍ୟ ଥିଲା। ହେଲେ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ସାଧାରଣ ଧାନ ନିମନ୍ତେ ୨୧୮୩ଟଙ୍କା ପ୍ରତି ଦର ଧାର୍ଯ୍ୟ ରଖାଯାଇଛି। ସେହିଭଳି ଗ୍ରେଡ-ଏ ଧାନର ମୂଲ୍ୟ ଗତ ବର୍ଷ ୨୦୬୦ ରହିଥିବାବେଳେ ଚଳିତ ବର୍ଷ ଏହା ୨୨୦୩ଟଙ୍କାକୁ ବୃଦ୍ଧି ପାଇଛି। ଗତବର୍ଷ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ୫୦୧୯୬୫ ଥିଲା ବେଳେ ଏଥର ତାହା ୧୪୬୦୬୭ ରହିଛି। ସୋମବାର ସୁଦ୍ଧା ଆସିକା ବ୍ଲକରେ ୧,୭୪,୭୬୮.୪୫ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ବେଳେ ବେଲଗୁଣ୍ଠାରେ ୬୫,୨୭୯.୩୭ କୁଇଣ୍ଟାଲ ଧାନ,ଭଞ୍ଜନଗର ଠାରେ ୮୨,୪୧୨.୭୨ କୁଇଣ୍ଟାଲ ଧାନ, ବୁଗୁଡ଼ାରେ ୭୬,୯୨୪.୨୧କୁଇଣ୍ଟାଲ ଧାନ, ଧରାକୋଟରେ ୧,୦୭,୩୮୪.୯୭କୁଇଣ୍ଟାଲ ଧାନ, ଜଗନ୍ନାଥ ପ୍ରସାଦରେ ୮୩,୯୫୦.୮୩ କୁଇଣ୍ଟାଲ ଧାନ, ସେରଗଡ଼ରେ ୧,୦୬,୮୮୬.୪୩କୁଇଣ୍ଟାଲ ଧାନ, ସୋରଡାରେ ୧,୬୧,୬୯୯.୬୭ କୁଇଣ୍ଟାଲ ଧାନ କ୍ରୟ ସରିଛି। କିଛି ସମବାୟସମିତିର ଟାର୍ଗେଟ ଶେଷ ହୋଇଥିବାବେଳେ କେତେକ ସ୍ଥାନରେ ଆବଶ୍ୟକତା ଠାରୁ କିଛି ପରିମାଣରେ ହ୍ରାସ ପାଇଛି। ଧାନ କ୍ରୟର ଶେଷ ତାରିଖ ଆସନ୍ତା ମାର୍ଚ୍ଚ ୩୧ତାରିଖ ରହିଛି।

# ରାଜ୍ୟପାଳଙ୍କ ଦୁଇଦିନିଆ କନ୍ଧମାଳ ଓ ବୌଦ୍ଧ ଜିଲ୍ଲା ଗସ୍ତ

**ଫୁଲବାଣୀ,୨୩ା୧(ସମିସ)**

ରାଜ୍ୟପାଳ ରଘୁବର ଦାସ ଦୁଇ ଦିନିଆ ଗସ୍ତରେ ଆସି ଆଜି କନ୍ଧମାଳ ଜିଲ୍ଲାର ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମିଶନ ଶକ୍ତି କାଫେ, ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ବିଦ୍ୟାଳୟ ଆଦି ପରିଦର୍ଶନ କରିଛନ୍ତି। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇବା ଦରକାର। ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୌଷ୍ଟିକ ଆହାର ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ ଏବଂ ସ୍ୱାସ୍ଥ୍ୟ ସଚେତନତା ପାଇଁ ବିଶେଷ ପ୍ରୟାସ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ବିଶିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାକ୍ତର, ରୋଗୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହ ବାର୍ତ୍ତାଳାପ କରିବା ସହିତ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଆକାଂକ୍ଷୀ ଜିଲ୍ଲା ପ୍ରତି ଅଧିକ ଦୃଷ୍ଟି ଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

ରାଷ୍ଟ୍ରୀୟ ଆଜୀବିକା ମିଶନରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ମିଳୁଛି । ଭାରତରେ ମହିଳା ସଶକ୍ତିକରଣ ତ୍ୱରାନ୍ୱିତ ହୋଇଛି ଏବଂ ମହିଳାଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆସିଛି ।



ସେମାନେ ସମସ୍ତ ଯୋଜନାର ଉପଯୋଗ କରିବା ଦରକାର । ବଜାର ଚାହିଦା ମୁତାବକ ଉତ୍ପାଦ ସହ ବିଜ୍ଞାପନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଶିକ୍ଷାକୁ ପ୍ରାଥମିକତା ଦେବାକୁ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି। ଫିରିଙ୍ଗିଆରେ ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ।। ଉଚ୍ଚ ସ୍ୱପ୍ନ ଦେଖ ଏବଂ ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବା ପାଇଁ ଫିରିଙ୍ଗିଆ ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ସହ ବାର୍ତ୍ତାଳାପରେ କହିଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ସଂସ୍କାର ମନ୍ଦିର। ଏକ ସମୃଦ୍ଧ ଓ ବିକଶିତ ଶୈଶବର କେନ୍ଦ୍ର । ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବା ସହ ଗର୍ଭବତୀ ମହିଳାଙ୍କ ଯତ୍ନକୁ ଅଗ୍ରାଧିକାର ଦେବାକୁ ରାଜ୍ୟପାଳ ମାଣ୍ଡ୍ରିପଡ଼ା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁ, ଅଭିଭାବକ ଓ ଅଙ୍ଗନବାଡ଼ି କର୍ମୀଙ୍କ ସହ ଆଲୋଚନା ଅବସରରେ କହିଛନ୍ତି । ଜୀବନର ଲକ୍ଷ୍ୟ ନିର୍ଦ୍ଦିଷ୍ଟ କର । ଲକ୍ଷ୍ୟ ହାସଲ ପାଇଁ ପଥ ନିର୍ଣ୍ଣୟ କର । ରାଷ୍ଟ୍ରପତିଙ୍କ ଜୀବନୀରୁ ପ୍ରେରଣା ସଂଗ୍ରହ କରିବାକୁ ରାଜ୍ୟପାଳ ରଡଙ୍ଗ ସ୍ଥିତ ଭୋଳେଶ୍ୱର ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପରେ କହିଛନ୍ତି । କୃଷି ହେଉଛି ଆମ ସଂସ୍କୃତି ଓ ଅର୍ଥନୀତିର ଆଧାର । ଏହାର ଉପଯୋଗ କରି ସମୟର ଆହ୍ୱାନ ଓ ଆବଶ୍ୟକତା ଅନୁସାରେ ଚାଷ କରିବା ଦରକାର ଏବଂ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବାକୁ ରାଜ୍ୟପାଳ ବନ୍ଧଗଡ଼ ସ୍ଥିତ ମସଲା ପ୍ରକ୍ରିୟାକରଣ ପ୍ରକଳ୍ପ(କସମ) ପରିଦର୍ଶନ କରି ଚାଷୀ ଓ ଗ୍ରମବାସୀଙ୍କ ସହ ଆଲୋଚନା ଅବସରରେ କହିଛନ୍ତି ।

ରାଜ୍ୟପାଳଙ୍କ ପରିଦର୍ଶନ ବେଳେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍, କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବିଜେଡିର ପରିବାର ସମ୍ପର୍କ ଅଭିଯାନ

**ଛତ୍ରପୁର,୨୩ ।୧(ସମିସ):** ଛତ୍ରପୁର ଏନଏସିରେ ମଙ୍ଗଳବାର ଠାରୁ ଆରମ୍ଭ ହେଲା ବିଜେଡିର ପରିବାର ସମ୍ପର୍କ ଅଭିଯାନ। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଛତ୍ରପୁର ଏନଏସିରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୧୧ନଂ ୱାର୍ଡ କାଉନସିଲର ସନ୍ତୋଷୀ ସେଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ବିଜେଡି ନଗର ସଭାପତି ବି. ରାଜୁବାବୁ, ଉପ ସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ୯ନଂ ୱାର୍ଡ କାଉନସିଲର ପ୍ରୀତିଛନ୍ଦା ସାମଲ, ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ୧୨ନଂ ୱାର୍ଡ କାଉନସିଲର ବି. ନିଶ୍ଚଳା, ୬ ନଂ ୱାର୍ଡ କାଉନସିଲର ମମତା ପାତ୍ର, ୭ନଂ କାଉନସିଲର ଏମ ବାଣୀ ସେନାପତି, ୮ ନଂ କାଉନସିଲର କେ. ରମେଶ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ଦଳର ଜିଲ୍ଲା ନେତା ରବୀନ୍ଦ୍ର ନାଥ ପଣ୍ଡା, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, ଯୁବ ବିଜେଡି ଜିଲ୍ଲା ଉପସଭାପତି ଅକ୍ଷୟ ସ୍ୱାଇଁ, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଶମ୍ଭୁନାଥ ସ୍ୱାଇଁ, ହାଇକୋର୍ଟ ଆଡ଼ଭୋକେଟ ପଦ୍ମ ଚରଣ ସାହୁ, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥି, ଛତ୍ରପୁର ବିଜୁ



ଆଇନ ସାମ୍ମୁଖ୍ୟ ରସଭାପତି ସୁରେଶ କୁମାର ପଣ୍ଡା, ସମ୍ପାଦକ ଏଲ. ଗୋପାଳ ରାଓ, କାଳୀପ୍ରସାଦ ଦାଶ, ଉମା ପଣ୍ଡା, ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ରାଜ୍ୟ ସହ-ସମ୍ପାଦିକା ଗୋଲାପ ସାହୁ, ବି. ଗୋପାଳ ସ୍ୱାମୀ, ମିଟୁ ବେହେରାଙ୍କ ସମେତ ବହୁ ମହିଳା ଏବଂ ଛାମୁଆ ନେତା ମାନେ ୱାର୍ଡ ର ବିଭିନ୍ନ ସାହି ବୁଲି ଘରେ ଘରେ ଶଙ୍ଖ ଚିହ୍ନର ଷ୍ଟିକର ଲଗାଇଛନ୍ତି।

